ଧରିତ୍ରୀ
DHARITRI
July 7-13, 2019 ₹ 2/-

ଛୁଟିଦିନ



# ଭକ୍ତର ଭଗବାନ

୩
ପ୍ରଚ୍ଛଦ ପ୍ରସଙ୍ଗ

ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମ ସମନ୍ୱୟର ପ୍ରତୀକ। ଭକ୍ତର ଭକ୍ତିଭାବରେ ବନ୍ଧା କାଳିଆସାଆନ୍ତ ହିଁ ଭକ୍ତର ଭଗବାନ । ତାଙ୍କ ପାଖରେ ନଥାଏ ଜାତିଧର୍ମର ଭେଦଭାବ। ସେ ଇଚ୍ଛାମୟ, କରୁଣାସାଗର କେବେ କାହାରିକୁ ନିରାଶ କରିନାହାନ୍ତି । ସେଥିପାଇଁ ତ ସେ ବଡ଼ଦେଉଳରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ ଆଉ ଭୁଜବଢ଼ାଇ ନିଅନ୍ତି ତାଙ୍କ ଆଶ୍ରିତଜନଙ୍କୁ...

୮/୯
ସିନେମା

୧୩
ସହରଠୁ ଦୂର





# ବଡି ପେଣ୍ଟିଂ ଫେଷ୍ଟିଭାଲ



ବିଭିନ୍ନ ସଉକ ମଧ୍ୟରୁ ଅନ୍ୟତମ ପେଣ୍ଟିଂ ବା ଚିତ୍ରାଙ୍କନ। କାନଭାଷ ଉପରେ ରଙ୍ଗତୂଳୀ ଧରି ଚିତ୍ରକର ଅତି ସୁନ୍ଦର ଭାବେ ଚିତ୍ରକୁ ଆଙ୍କିଥାନ୍ତି, ଯାହା ଦେଖିବାକୁ ଖୁବ୍ ଜୀବନ୍ତ ମଧ ଲାଗେ। ତେବେ ମଣିଷ ଦେହରେ ପେଣ୍ଟିଂ କଥା କେବେ ଚିନ୍ତା କରିଛନ୍ତି। ବିଭିନ୍ନ କାର୍ଣ୍ଣିଭାଲ ବା ସ୍ପୋର୍ଟ୍ସ ଇଭେଣ୍ଟରେ ଆମେ ଦର୍ଶକଙ୍କୁ ବା ପ୍ରତିଯୋଗୀଙ୍କୁ ମୁହଁରେ, ହାତରେ ଭଳିକି ଭଳି ଟାଟୁ ବା ପେଣ୍ଟିଂ କରିଥିବାର ଦେଖିଛେ। କିନ୍ତୁ ପ୍ରତିବର୍ଷ ଏହି ବଡି ପେଣ୍ଟିଂକୁ ନେଇ ଅଷ୍ଟ୍ରେଲିଆରେ ଆୟୋଜିତ ହୋଇଥାଏ ୱାର୍ଲ୍ଡ ବଡି ପେଣ୍ଟିଂ ଫେଷ୍ଟିଭାଲ। ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ଉତ୍ସବରେ ପୃଥିବୀର ୫୦ଟି ଦେଶରୁ ପ୍ରତିଯୋଗୀମାନେ ଆସି ଭାଗ ନେଇଥାନ୍ତି। ତିନି ଦିନ ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ପ୍ରଫେସନାଲ ପେଣ୍ଟରମାନେ ମଡେଲଙ୍କ ଦେହରେ ବିଭିନ୍ନ ଆକୃତିର କ୍ରିଏଟିଭ ପେଣ୍ଟିଂ କରିଥାନ୍ତି। ଉକ୍ତ ମଡେଲମାନେ ର୍ୟାମ୍ପରେ ଚାଲି ସେହିସବୁ ପେଣ୍ଟିଂକୁ ପ୍ରଦର୍ଶିତ କରିଥାନ୍ତି। ଉତ୍ସବ ଶେଷରେ ବିଭିନ୍ନ କ୍ୟାଟେଗୋରୀରେ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ। କେବଳ ର୍ୟାମ୍ପ ଶୋ ନୁହେଁ ଉକ୍ତ ଉତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ଲାଗି ମ୍ୟୁଜିକ ବ୍ୟାଣ୍ଡ, ଡିଜେ, ଲାଇଭ୍ ଡେମନ୍‌ଷ୍ଟ୍ରେଶନ୍, ଫ୍ୟାଶନ୍ ମାର୍କେଟ, ଟାଟୁ, ପିୟର୍ସିଂ ଆଦିର ମଧ୍ୟ ବ୍ୟବସ୍ଥା କରାଯାଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୭-୧୩

**ମେଷ**



କାର୍ଯ୍ୟସିଦ୍ଧି, ବନ୍ଧୁମିଳନ, ଯାତ୍ରାରେ ସମସ୍ୟା, ମନୋରଞ୍ଜନରେ ରୁଚି, ସମସ୍ୟା ବଢ଼ିଯାଇପାରେ, ପାରିବାରିକ ବୁଝାମଣା, ପ୍ରଶାସନିକ ସଫଳତା, ପରିବହନରୁ ଲାଭ, ସଭାସମିତିକୁ ନିମନ୍ତ୍ରଣ, ବିଦେଶ ଯାତ୍ରାର ସୁଯୋଗ।

**ବୃଷ**



ମିତ୍ରଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଶତ୍ରୁତାର ସମାଧାନ, ପାରିବାରିକ ଶାନ୍ତି, ଆନୁଷ୍ଠାନିକ କାମ, ଭ୍ରମଣ ସୁଯୋଗ, ଦୂରଯାତ୍ରା, କଚେରି ମାମଲା ବୃଦ୍ଧି।

**ମିଥୁନ**



କର୍ମକ୍ଷେତ୍ରରେ ସଫଳତା, ଅର୍ଥ ଓ ସମ୍ମାନ ଲାଭ, ସହକର୍ମୀଙ୍କ ମିଥ୍ୟାରୋପ, ଦୂରଯାତ୍ରାର ସୁଯୋଗ, ସାମାଜିକ ସ୍ଥିତିରେ ଉନ୍ନତି, ତୀର୍ଥାଟନର ପ୍ରସ୍ତୁତି, ପଦମର୍ଯ୍ୟାଦା ବୃଦ୍ଧି।

**କର୍କଟ**



ଆରୋଗ୍ୟ ଲାଭ, ପାରିବାରିକ ସୌଖ୍ୟ, ସମସ୍ୟାର ସମାଧାନ, ପାରିବାରିକ ସମର୍ଥନ, ଅନଟନ ଦୂରହେବ, ପରିସ୍ଥିତି ବଦଳିବ, ବ୍ୟବସାୟିକ ଉନ୍ନତି, କଳା, ସାହିତ୍ୟରୁ ପ୍ରଶଂସା।

**ସିଂହ**



କର୍ମକ୍ଷେତ୍ରରେ ପ୍ରାଧାନ୍ୟ,ବନ୍ଧୁଙ୍କ ସହ ମନାନ୍ତର, ମାଙ୍ଗଳିକ କାର୍ଯ୍ୟ, ଗୃହ ସାଜସଜ୍ଜା, ଧାତୁ ଅଳଙ୍କାର କ୍ରୟ, ସାମାଜିକ ସମ୍ମାନ, ଶୁଭଖବର ପ୍ରାପ୍ତି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଅତିଥିଚର୍ଚ୍ଚା।

**କନ୍ୟା**



ସ୍ୱାସ୍ଥ୍ୟରେ ଉନ୍ନତି, ଆତ୍ମୀୟଙ୍କ ଅନୁରକ୍ତି, ପରିବହନରେ ସମସ୍ୟା, ପ୍ରଶାସନିକ ପ୍ରତିରୋଧ, କାର୍ଯ୍ୟ ସାଧନରେ ବ୍ୟତିକ୍ରମ, ପାରିପାର୍ଶ୍ୱିକ ସ୍ଥିତି ବଦଳିବ, ଦୂରଯାତ୍ରା, ଅର୍ଥସଙ୍କଟ।

**ତୁଳା**



କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପାରିବାରିକ ସୌଖ୍ୟ, ପଡ଼ୋଶୀଙ୍କ ସହାନୁଭୂତି, ସନ୍ତାନ ହେତୁକ ଗୌରବ, ଋଣ ପରିଶୋଧ, ଶତ୍ରୁତାରୁ ସମସ୍ୟା, ପ୍ରିୟଜନଙ୍କ ସାନ୍ନିଧ୍ୟ, ଯାନ୍ତ୍ରିକ ତ୍ରୁଟିରୁ ବିଳମ୍ବ, କଳା, ସଙ୍ଗୀତରୁ ପ୍ରଶଂସା, ସ୍ୱାସ୍ଥ୍ୟୋନ୍ନତି।

**ବିଛା**



ମାନସିକ ଅସ୍ଥିରତା, ବନ୍ଧୁଙ୍କ ସାନ୍ତ୍ୱନା, ସମସ୍ୟା ସମାଧାନ, ଆନୁଷ୍ଠାନିକ କାର୍ଯ୍ୟ, ଦୂରଯାତ୍ରା, ମାଙ୍ଗଳିକ କାମ, କଳା ସାହିତ୍ୟରେ ଉନ୍ନତି, ପ୍ରଶାସନିକ ସଫଳତା, ପରିବାରରେ ଆନନ୍ଦ।

**ଧନୁ**



ବ୍ୟବସାୟିକ ସଫଳତା, ଯାତ୍ରାରେ ଲକ୍ଷ୍ୟ ପୂରଣ, ଆର୍ଥିକ ଅଭିବୃଦ୍ଧି, ସନ୍ଦେହରୁ ଭୁଲ୍ ବୁଝାମଣା, ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ଅମିମାଂସିତ ଆଲୋଚନା, କଳାପ୍ରିୟ ହେବେ, ସରକାରୀ ସହାୟତା।

**ମକର**



ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସାହାଯ୍ୟ ସହଯୋଗ ଲାଭ, ବିବାଦର ସମାଧାନ, ସହକର୍ମୀଙ୍କ ପ୍ରତାରଣା, ସାଂସ୍କୃତିକ କାର୍ଯ୍ୟ, ପରିବହନରେ ଝଗଡ଼ା, ଯାତ୍ରା ସ୍ଥଗିତ, ନୂଆ ବନ୍ଧୁ ଜୁଟିବେ, ଖୋଜୁଥିବା ଜିନିଷ ପାଇବେ।

**କୁମ୍ଭ**



ନୂତନ ଯୋଜନା, ସହଯୋଗ ମିଳିବ, ଭ୍ରମଣ ସୌଖ୍ୟ, ସନ୍ତାନଙ୍କ ଉନ୍ନତି, ଗୃହ ନବୀକରଣ, ବୀମାଧନ ପ୍ରାପ୍ତି, ସାହସିକ ପଦକ୍ଷେପ, ଚିନ୍ତାଜନକ ପରିସ୍ଥିତି, ପାରିଶ୍ରମିକ ପାଇବେ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ସମ୍ପର୍କହାନି।

**ମୀନ**



କାର୍ଯ୍ୟରେ ଅବହେଳା, ନିର୍ମାଣ ଅସମ୍ପୂର୍ଣ୍ଣ ରହିବ, ପଡ଼ୋଶୀଙ୍କ ଅପପ୍ରଚାର, ସମ୍ପର୍କରେ ଫାଟ, ବାଣିଜ୍ୟରେ ପ୍ରତିବନ୍ଧକ, ସ୍ତ୍ରୀଙ୍କ ପ୍ରେରଣା, ରାଜନୀତିରେ ଦ୍ୱନ୍ଦ୍ୱ, ପ୍ରତିଯୋଗିତାରେ ସଫଳତା, ବନ୍ଧୁମିଳନରୁ ଆନନ୍ଦ।

# ସୁରକ୍ଷିତ ସୋଶିଆଲ ସାଇଟ୍‌ସ ପାଇଁ....

✲ ସର୍ବଦା ନିଜର ସୋଶିଆଲ ସାଇଟ୍ସ ପାଇଁ ଷ୍ଟ୍ରଙ୍ଗ ପାସୱାର୍ଡ ବ୍ୟବହାର କରନ୍ତୁ।

✲ ପାସୱାର୍ଡ ପାଇଁ ନମ୍ବର, ଲେଟର, ସ୍ପେଶିଆଲ କ୍ୟାରେକ୍ଟର ଆଦିର ମିଶ୍ରଣକୁ ବ୍ୟବହାର କରନ୍ତୁ।

✲ ବିଭିନ୍ନ ସୋଶିଆଲ ସାଇଟ୍ସ ପାଇଁ ଭିନ୍ନ ଭିନ୍ନ ପାସୱାର୍ଡ ବ୍ୟବହାର କରନ୍ତୁ।

✲ ଯଦି ମୋବାଇଲ୍‌ରେ କୌଣସି ସୋଶିଆଲ ସାଇଟ୍ସ ଆପ୍ ଇନ୍‌ଷ୍ଟଲ କରିଛନ୍ତି ତେବେ ମୋବାଇଲକୁ ପାସୱାର୍ଡ ଦ୍ୱାରା ଲକ୍ କରି ରଖନ୍ତୁ।

✲ କୌଣସି ସୋଶିଆଲ ସାଇଟ୍ସକୁ ବ୍ୟବହାର କରିସାରିବା ପରେ ଲଗ୍ ଆଉଟ କରନ୍ତୁ।

✲ କେବଳ ଜଣାଶୁଣା ଲୋକଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ହିଁ ଆକ୍‌ସେପ୍ଟ କରନ୍ତୁ।




✲ ଅଜଣା ଫ୍ରେଣ୍ଡ ରିକ୍ୱେଷ୍ଟ ଆକ୍‌ସେପ୍ଟ କରିବା ପୂର୍ବରୁ ବ୍ୟକ୍ତିଙ୍କ ପ୍ରୋଫାଇଲ ଏବଂ ପୋଷ୍ଟକୁ ଭଲଭାବେ ଯାଞ୍ଚ କରିନିଅନ୍ତୁ।

✲ସୋଶିଆଲ ସାଇଟ୍ସରେ ଆସିଥିବା କୌଣସି ଅଜଣା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ ଏହାଦ୍ୱାରା ପ୍ରୋଫାଇଲ ହ୍ୟାକ୍ ହେବାର ସମ୍ଭାବନା ଥାଏ।

# ପାଠକୀୟ

●ଗାଁରୁ ସହର ଅନେକ ଛକ ସ୍ଥାନର ପ୍ରହରୀ ଓ ବହୁ କଥାର କାହାଣୀ ବରଗଛ। ମଶାଣି ପଦାରୁ ମେଳାପଡିଆ ସବୁଠାରେ ସବୁବେଳେ ଲାଗିଥାଏ ପ୍ରାଣୀଙ୍କ ସେବାରେ। ତାରି ପାଖରେ ବସେ ନ୍ୟାୟ ନିଶାପ। ତା' ମୂଳରେ ସ୍ଥାପନା ହୁଅନ୍ତି ଗ୍ରାମଦେବତୀ। କେତେ ଭକ୍ତି ଓ ବିଶ୍ୱାସ ସୃଷ୍ଟି ହୁଏ ତା'ଠାରେ। ତେଣୁ ବରଗଛକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। ଅନ୍ୟପକ୍ଷେ 'ଫେସ୍ ଟନେଲ ଜରିଆରେ ୱାର୍ଲ୍ଡ ରେକର୍ଡ' ପାଠଟି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ପବିତ୍ର କୁମାର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୁହୁଡି, ଖୋର୍ଦ୍ଧା*

●ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବରଗଛ' ଏକ ନିଆରା ବିଷୟ ଥିଲା। ଏଥିରୁ କେତେକ ସ୍ଥାନରେ ଥିବା କିଛି ଖାସ୍ ବରଗଛ ସମ୍ପର୍କରେ ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ରହସ୍ୟର ଦୁଇ ନାୟିକା ଆଗାଥା କ୍ରିଷ୍ଟି ଏବଂ ଆନେ ରାଇସ୍‌ଙ୍କ ସମ୍ପର୍କରେ ବି ନୂଆ ନୂଆ କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଅପେକ୍ଷା' ନାମକ ଗପଟି ମୋ ମନ କିଣିନେଲା।

*–ଟୁନା ସ୍ୱାଇଁ, ଅଲିପୁର, ମାଲୁଦ, ପୁରୀ*

●ସିନେମା ପୃଷ୍ଠାରେ ସ୍ଥାନିତ 'କ'ଣ କରୁଛନ୍ତି ଶ୍ରଦ୍ଧା', 'ହୀରାଲାଲ୍‌ଙ୍କର ଆଶା', 'ଦୃଢ଼ମନା ଇମ୍ରାନ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଆଦର୍ଶ ଶିକ୍ଷକ ବୀରେନ୍ଦ୍ର ସାମନ୍ତରାୟଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ଖୁବ୍ ଛୁଇଁଗଲା। ସେହିପରି ଟେରାକୋଟା ଜୁଏଲେରି ପାଠରୁ ଫ୍ୟାଶନର ଏକ ନୂଆ ଟ୍ରେଣ୍ଡ ସମ୍ପର୍କରେ ଜାଣିହେଲା।

*–ଭବାନୀ ଶଙ୍କର ଦାସ, ରାଉରକେଲା*

●ମଡେଲ୍ ମିର୍‌ରରେ ସଜ୍ଜିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଧାର୍ମିକସ୍ଥଳୀ ଅଦୂର ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଗପିଲେ ମାଗଣାରେ ମିଳିବ ପିଜା' ନାମକ ପାଠଟି ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। ହାଃ ହାଃ ଓ କାର୍ଟୁନ କର୍ନର ଖୁବ୍ ମଜାଦାର୍ ଥିଲା।

*–ପରେଶ, ରାକେଶ, ସୁଲୋଚନା, ଭବାନୀପାଟଣା*

●ଯାତ୍ରା ପୃଷ୍ଠାରୁ 'ଗୋଟିଏ ଡୋଳାରେ ସୀତା, ଗୋଟିଏ ଡୋଳାରେ ଗଙ୍ଗା', 'ଆଖଡ଼ା ଆରମ୍ଭ' ଆଦି ପାଠଗୁଡ଼ିକର ପ୍ରକୃତ ମର୍ମ ସମ୍ପର୍କରେ ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ 'କେବଳ ଅଖଣ୍ଡ ଯୌବନ ଲାଗି', 'ସାଇଲେଣ୍ଟ କାଫେ','୮୪ ବର୍ଷର ବୃଦ୍ଧ ହେଲେ ଫ୍ୟାଶନ ଆଇକନ୍' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ସରସ୍ୱତୀ ପ୍ରଧାନ, ରାୟଗଡ଼ା*

## ବିଶେଷ ଚିଠି



ସାତ ଦିନରେ ଥରେ ଆସେ ଛୁଟିଦିନ
ପ୍ରତୀକ୍ଷାରେ ଥାଏ ସଦା ଆମ ମନ।
ପ୍ରଚ୍ଛଦ ପ୍ରସଙ୍ଗ ଏହାର ଭାରି ବଢ଼ିଆ
ଶିଖାଏ ଆମକୁ କଥା ନୂଆ ନୂଆ।
ସାଥୀ ପ୍ରଶ୍ନର ସିଏ କରେ ସମାଧାନ
ସିନେମାରେ ଖୋଲିଦିଏ ତାରକାଙ୍କ ଗୋପନ।
ଷୋହଳ ପୃଷ୍ଠାର ଏ ଗନ୍ତାଘର
ତୃପ୍ତ କରୁଥାଉ ପାଠକଙ୍କ ଅନ୍ତର।

*–ସୋହନଲାଲ ଅଗ୍ରୱାଲ, ଭବାନୀପାଟଣା, କଳାହାଣ୍ଡି*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ଭକ୍ତର ଭଗବାନ

ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମ ସମ୍ମନ୍ୱୟର ପ୍ରତୀକ । ଭକ୍ତର ଭକ୍ତିଭାବରେ ବନ୍ଧା କାଳିଆସାଆନ୍ତ ହିଁ ଭକ୍ତର ଭଗବାନ । କେବେ ସେ ଭକ୍ତଙ୍କ ପାଇ ଅଝଟ ହୁଅନ୍ତି ତ ପୁଣି କେବେ ଭକ୍ତଙ୍କ ଲାଗି କରୁଣାର ଅଶ୍ରୁ ବୁହାନ୍ତି। ମହାପ୍ରଭୁଙ୍କ ଠାରେ ଯେମିତି ଯାହାର ଭାବ ସେମିତି ତାଙ୍କର ମନୋବାଞ୍ଛା ପୂରଣ ହୋଇଥାଏ। ଏମିତିରେ ଭକ୍ତଙ୍କ ଡାକ ଶୁଣୁଥିବା ଭଗବାନଙ୍କ ଲୀଳା ରହିଛି ଯୁଗଯୁଗକୁ। ସେ ଇଚ୍ଛାମୟ, କରୁଣାସାଗର କେବେ କାହାରିକୁ ନିରାଶ କରିନାହାନ୍ତି । ସେଥିପାଇଁ ତ ସେ ବଡ଼ଦେଉଳରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ ଆଉ ଭୁଜବଢ଼ାଇ ନିଅନ୍ତି ତାଙ୍କ ଆଶ୍ରିତଜନଙ୍କୁ। ଆପଣେଇ ବୁଝିପାରନ୍ତି ସବୁରି ଦୁଃଖସୁଖକୁ। ଯେମିତି ସେଦିନ ବଡ଼ଦାଣ୍ଡରେ ହାତପାତି ମାଗିଥିଲେ ଭକ୍ତ ବଳରାମ ଦାସ , ଯବନପୁଅ ଭକ୍ତ ସାଲବେଗ ଆଉ ଏବର ସେମିତି ନିଆରା କିଛି ଭକ୍ତଙ୍କ ଭକ୍ତିର ଅନୁଭୂତିକୁ ନେଇ ଏଥରର ପ୍ରଚ୍ଛଦ ପ୍ରସଙ୍ଗ।

**କାଳିଆ ଠାରେ କରୁଣା ମାଗେ–** ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା । ବଡ଼ଦାଣ୍ଡରେ ଜନସମୁଦ୍ର। ଭକ୍ତଙ୍କ ଭିଡ଼। ପାରମ୍ପରିକ ବାଦ୍ୟର ନିନାଦରେ କମ୍ପୁଛି ସାରା ଶ୍ରୀକ୍ଷେତ୍ରର ପରିବେଶ। ଚାରିଆଡ଼େ ଶୁଭୁଛି ଜୟ ଜଗନ୍ନାଥ ... ଜୟ ଜଗନ୍ନାଥ। ବଡ଼ଦାଣ୍ଡର ଗହଳି ଭିତରେ କେତେ କେତେ ଭକ୍ତଙ୍କ ଭକ୍ତିର ଭାବକୁ କାଳିଆ ଶୁଣି ନ ଶୁଣିଲାପରି ଚାହିଁ ରହିଥାଏ। ସେଦିନ ଏହି ଗହଳି ଭିତରେ ଜଣେ ମୁସଲମାନ ମହିଳା ଭାବଭକ୍ତିରେ ନିଜର ଆବେଗମୟ ବେଦନାଭରା ଇଚ୍ଛାକୁ ଜଣାଇଥିଲେ – କାଳିଆରେ କାହିଁ କେତେଦୂରୁ ଆସିଛି ତୋର ଦର୍ଶନଲାଗି, ଊଣାକରିବୁନି ତୋ କରୁଣାରୁ ଟିକେ। ଏତିକି ମିନତି ତୋ ଠାରେ ବୋଲି କାନିପାତି ଭିକମାଗିଥିଲେ ପୁତ୍ରସନ୍ତାନଟିଏ ପାଇଁ । ଇଚ୍ଛାମୟଙ୍କ କରୁଣାହେଲା। ମା'ଙ୍କୁ ମିଳିଲା ପୁତ୍ରସନ୍ତାନଟିଏ। ଭିକମାଗିଥିବାରୁ ମା' ପୁଅର ନାମଦେଲେ ଭିକାରୀ। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ବଜାରଅଞ୍ଚଳର ବାସିନ୍ଦା ଅମିର ଖାନ୍ ଓ ସ୍ତ୍ରୀ ତୁଫାନ ବିବିଙ୍କର ପୁଅ ଭିକାରୀ ମହମ୍ମଦ। ପିଲାଟି ଦିନରୁ ଭିକାରୀଙ୍କ ଗୀତଗାଇବା ପ୍ରତିଭା ବେଶ୍ ବାରି ହୋଇପଡୁଥିଲା। ସମୟକ୍ରମେ ଓଡ଼ିଆଘରର ପର୍ବପର୍ବାଣିରେ ସେ ସାମିଲ ହେଉଥିଲେ। ସେ କୁହନ୍ତି ଆମପରିବାରରେ ଝିଅ ଜନ୍ମ ହେଉଥିବାରୁ ମୋ ମା' ପୁରୀ ରଥଯାତ୍ରା ସମୟରେ ଜଗନ୍ନାଥଙ୍କୁ ଭିକମାଗିଥିଲେ, ତା'ପରେ ମହାପ୍ରଭୁଙ୍କ କରୁଣାରୁ ଜନ୍ମଲାଭ କରିଥିଲି। ତେବେ ଖଣ୍ଡପଡ଼ା ରାଜପରିବାର ସହିତ ଆମର ଚଳଣି ଥିବାରୁ ସେଠାର ମୁଁ ପିଲାବେଳୁ ବିଭିନ୍ନ ସମୟରେ ଗୀତ ବୋଲୁଥିବାରୁ ସମସ୍ତଙ୍କର ପ୍ରିୟ ହୋଇଯାଇଥିଲି। ଓଡ଼ିଶୀ, ଭଜନ, ଜଣାଣ ସହିତ ବିଲଙ୍କାରାମାୟଣ, ସଭାବିନୋଦ, ମହାଭାରତ, ଗୀତଗୋବିନ୍ଦ, ମଥୁରା ମଙ୍ଗଳ, ମନବୋଧ ଚଉତିଶା ଆଦି ପୁରାଣ ପଢ଼ିଶୁଣି ଅନ୍ୟମାନଙ୍କ ପାଖରେ ଗାଇଲି। ଏପରି କି ଅନେକ ନାଟକରେ ମଧ୍ୟ ଅଭିନୟ କଲି। ଲକ୍ଷେହୀରା, ଉର୍ବଶୀ, ସୀତା ସାବିତ୍ରୀ ଏବଂ ସୀତାରାମ ଅଗ୍ରୱାଲଙ୍କ ସହିତ ଦେଖାହେବାରୁ ମୋତେ କେଳି କଦମ୍ବ ମୂଳିଆ, ହଟିଆ ଠାକୁର ଭଜନକୁ ଗାଇଲି ।ଅକ୍ଷୟ ମହାନ୍ତିଙ୍କ ଓ ପ୍ରଫୁଲ୍ଲ କରଙ୍କ ସହିତ ମଞ୍ଚରେ ଭଜନ,ଗୀତ ଗାଇବାବେଳେ ଆଖିରୁ ଆପେ ଆପେ ଭାବର ଅଶ୍ରୁ ବୋହିଯାଏ। ଥରେ ଜଟଣୀର ଅରଗୁଳ ଅଞ୍ଚଳରୁ ଏକ ଭଜନ କାର୍ଯ୍ୟକ୍ରମ ସାରି ଘରକୁ ଫେରୁଥାଏ। ହଠାତ୍ ରାସ୍ତାରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେଲା। ସମସ୍ତେ ଭାବିଲେ ଯେମିତି କି ଏହି ଘଟଣାରେପରେ ବୋଧେ ଭିକାରୀ ଆଉ ନାହାନ୍ତି। କିନ୍ତୁ ଭଗବାନଙ୍କ ଦୟାରୁ ମୁଁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲି। ବଡ଼ଠାକୁରଙ୍କୁ ସେଠାରେ ମୁଣ୍ଡିଆମାରି ଘରକୁ ଫେରିଥିଲି। ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭଜନଜଣାଣ, ଚମ୍ପୁ, ଛାନ୍ଦ ଆଦି ଗାୟନ କରୁଛି। ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛି। ମୋର ମାଟ୍ରିକ ଶିକ୍ଷାପରେ ଗୁରୁ ନେତ୍ରମୋହନ ରାମଙ୍କ ଠାରୁ ସଙ୍ଗୀତ ଶିକ୍ଷା କରିଥିଲି। ମୋର ପ୍ରିୟଭଜନ ''ହରି ଭଜୁଛନ୍ତି ହରଙ୍କୁ, ହର ଭଜୁଛନ୍ତି ହରିଙ୍କୁ''ଗାୟନକରିଥାଏ। ବହୁଚେଷ୍ଟା ଫଳରେ ଖଣ୍ଡପଡ଼ାରେ ଏକ ମିନାର, ମସ୍‌ଜିଦ ସମସ୍ତଙ୍କ ସହଯୋଗରେ ନିର୍ମାଣ ହୋଇପାରିଛି। ଏବେ ବୟସ ପ୍ରାୟ ୭୦ ଟପିଲାଣି । କିନ୍ତୁ ଭଜନ ଜଣାଣ ମୋର ଜୀବନ। 'ସବ୍‌କା ମାଲିକ୍ ଏକ୍ ହେ' ଚିନ୍ତନରେ ବିଶ୍ୱାସ କରେ । ଘରେ ସପରିବାର ପ୍ରତି ଗୁରୁବାର ଓ ସଙ୍କ୍ରାନ୍ତିରେ ଶୁଦ୍ଧ ଶାକାହାର ଅରୁଆ ଭୋଜନ କରିଥାଉ।

**ଶ୍ରୀଜଗନ୍ନାଥ ସଂସ୍କୃତି ସର୍ବଧର୍ମ ସମ୍ମନ୍ୱୟର ପ୍ରତୀକ। ଭକ୍ତର ଭକ୍ତିଭାବରେ ବନ୍ଧା କାଳିଆସାଆନ୍ତ ହିଁ ଭକ୍ତର ଭଗବାନ । ତାଙ୍କ ପାଖରେ ନଥାଏ ଜାତିଧର୍ମର ଭେଦଭାବ। ସେ ଇଚ୍ଛାମୟ, କରୁଣାସାଗର କେବେ କାହାରିକୁ ନିରାଶ କରିନାହାନ୍ତି । ସେଥିପାଇଁ ତ ସେ ବଡ଼ଦେଉଳରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ ଆଉ ଭୁଜବଢ଼ାଇ ନିଅନ୍ତି ତାଙ୍କ ଆଶ୍ରିତଜନଙ୍କୁ...**

## ମୁସ୍‌ଲିମ ଗୌନ୍ତିଆଙ୍କ

**ଛେରାପହଁରା–** ଦୀର୍ଘ ଦଶନ୍ଧି ଧରି ରେମେଣ୍ଡାର ରଥଯାତ୍ରାରେ ଛେରାପହଁରା କରିଆସୁଛନ୍ତି ମୁସ୍‌ଲିମ । ଏଠାର ରଥଯାତ୍ରାରେ ନିଆରା ପରମ୍ପରା ଦେଖିବାକୁମିଳେ। ଯାହାକି ସଦ୍‌ଭାବନାର ଶ୍ରୀକ୍ଷେତ୍ର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସାଧାରଣତଃ ଅଣହିନ୍ଦୁମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ନିଷେଧ ହୋଇଥାଏ। ମାତ୍ର ଭକ୍ତଙ୍କ ଲାଗି ମହାପ୍ରଭୁ ରଥଯାତ୍ରାରେ ବାହାରିଥାନ୍ତି । ଅଣହିନ୍ଦୁମାନେ ବଡ଼ଦାଣ୍ଡରେ ରଥରେ ମହାପ୍ରଭୁଙ୍କୁ ଦର୍ଶନକରି ଧନ୍ୟ ମନେକରନ୍ତି। ତେବେ ଝାରସୁଗୁଡ଼ା ଜିଲାର ସଦର ମହକୁମା ଠାରୁ ପଶ୍ଚିମକୁ ପ୍ରାୟ ୪୦କିମି ଦୂର ଲଖନପୁର ବ୍ଲକର ରେମେଣ୍ଡା ଠାରେ ରଥଯାତ୍ରାରେ ଛେରାପହଁରା କରନ୍ତି ଜଣେ ମୁସ୍‌ଲିମ ଗୌନ୍ତିଆ । ଏହି ଗାଁର ମୁସ୍‌ଲିମ ଗୌନ୍ତିଆ ଇସଲାମଧର୍ମକୁ କଡ଼ାକଡ଼ି ପାଳନ କରୁଥିବା ବେଳେ ତାଙ୍କ ପୃଷ୍ଟପୋଷକତାରେ ପ୍ରତିବର୍ଷ ଏଠାରେ ପାଳନ ହୋଇଆସୁଛି ମହାପ୍ରଭୁଙ୍କ ପବିତ୍ର ରଥଟଣା ଓ ବାହୁଡ଼ା ଯାତ୍ରା। ଏଥିରେ ତାଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ମିଶି ରଥ ଟାଣିଥାନ୍ତି। ଏଠି କିଏ ମୁସଲମାନ କିଏ ହିନ୍ଦୁ ଜଣାପଡ଼େନି। ତେବେ ଏହି ଗାଁର ଗୌନ୍ତିଆ ମହମ୍ମଦ ଜମିରୁଲ୍ଲା ଜଣେ ଗାଳ୍ପିକ ଭାବେ ରାଜ୍ୟରେ ପରିଚିତ। ଏଠା ରଥଯାତ୍ରାରେ ତାଙ୍କର ଆଉଏକ ସ୍ୱତନ୍ତ୍ର ପରିଚୟ ଯୋଡ଼ିହୋଇଯାଇଛି। ମୁସ୍‌ଲିମ ଗୌନ୍ତିଆ ଜମିରୁଲ୍ଲା କୁହନ୍ତି ରେମେଣ୍ଡାର ଏହି ଯାତ୍ରା ପ୍ରାୟ ୧୮୫୭ ମସିହା ପୂର୍ବରୁ ପାଳିତ ହୋଇଆସୁଛି। ପୂର୍ବରୁ ମୋ ପ୍ରପିତାମହ ମାସୁଖ ଅଲି ନାଗପୁର କୋର୍ଟରେ ମୁନ୍‌ସଫ ଭାବେ କାମକରୁଥିଲେ। ସେତେବେଳେ ରାଜାଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ରେମେଣ୍ଡା ଗ୍ରାମର ଗୌନ୍ତି ସମ୍ଭାଳିବାକୁ ପଡ଼ିଥିଲା। ତେବେ ନିଜର ସରଳ ଓ ସେବା ମନୋଭାବରେ ସେ ସାଧାରଣରେ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। ମାତ୍ର ତାଙ୍କ ବିୟୋଗ ପରେ ତାଙ୍କ ପୁଅ ମହମ୍ମଦ ହନିଫ ହୋଇଥିଲେ ଗୌନ୍ତିଆ। ମୁଁ ପିଲାଦିନରୁ ଦେଖିଛି ଅଜା ଓ ପିତାଙ୍କ ଏଠାର ରଥଯାତ୍ରା ଅୟୋଜନରେ ବ୍ୟସ୍ତ ରହୁଥିବାର । ସେହି ସମୟରୁ ରଥଯାତ୍ରା ପ୍ରତି ମୋର ଅନୁରାଗ ରହିଛି। ଏଥିପାଇଁ ରଥଯାତ୍ରା କାର୍ଯ୍ୟକୁ ତୁଲାଉଛି। ନିକଟସ୍ଥ କୁଲସର ଗ୍ରାମରୁ ମହାପ୍ରଭୁ ଜଗନ୍ନାଥ ,ବଳଭଦ୍ର, ମା'ସୁଭଦ୍ରାଙ୍କ ବିଗ୍ରହଙ୍କୁ ରଥଯାତ୍ରାବେଳେ ଆମ୍ଭଗ୍ରାମକୁ ଅଣାଯାଉଥିଲା। ସମୟକ୍ରମେ କୁଲସର ଗାଁ ହୀରାକୁଦ ଡ୍ୟାମ ଜଳରେ ବୁଡ଼ିଗଲା । ଏହାପରେ କେବଳ ରଥଯାତ୍ରା ସମୟରେ ନିକଟସ୍ଥ ସୁନାରୀ ଗ୍ରାମରୁ ମହାପ୍ରଭୁଙ୍କ ବିଗ୍ରହକୁ ଅଣାଯାଉଛି। ରଥଯାତ୍ରା ସରିଗଲାପରେ ସୁନାରୀ ଗ୍ରାମରେ ମହାପ୍ରଭୁଙ୍କୁ ମନ୍ଦିରରେ ବିଜେ କରାଯାଇଥାଏ। ଏହାର ପୂଜାର୍ଚ୍ଚନା କରିଥାନ୍ତି ସୁବାସ ଶତପଥୀଙ୍କ ପରିବାରର ସଦସ୍ୟମାନେ। ୧୯୮୪ମସିହାରୁ ପହଣ୍ଡିବିଜେ ଓ ବାହୁଡ଼ାରେ ଛେରାପହଁରା କରିଆସୁଛି। ମାତ୍ର ପୁରୀ ରଥଯାତ୍ରାର ୩ଦି ପରେ ଏଠାରେ ପଞ୍ଚମୀତିଥିରେ ରଥଯାତ୍ରା ହୋଇଥାଏ। ସେହିପରି ବାହୁଡ଼ା ଯାତ୍ରା ମଧ୍ୟ ତ୍ରୟୋଦଶୀରେ ହୋଇଥାଏ।







ମୁସ୍‌ଲିମ୍ ଗୌନ୍ତିଆ ଜମିରୁଲ୍ଲା





ସେକ୍ ମତଲୁବ୍ ଅଲି



ଦେବଶ୍ରୀ ହଲିମ୍



ଭିକାରୀ ମହମ୍ମଦ



ବାବୁ ମିଆଁ (ଫାଇଲ ଫଟୋ)

**ଥିଲେ ଜଣେ ଭକ୍ତ ବାବୁ ମିଆଁ–** ସମୟଚକ୍ରରେ ଅତୀତର ଅନେକ ଘଟଣା ସ୍ମୃତି ହୋଇ ରହିଯାଏ । ଆଜକୁ ପ୍ରାୟ ୨୪ବର୍ଷ ତଳେ ଜଣେ ଗରିବ , ନିରକ୍ଷର ରିକ୍ସା ଚାଳକଙ୍କ ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଓ ପ୍ରେମ ସଦ୍‌ଭାବନା ସମ୍ପର୍କରେ ଚର୍ଚ୍ଚା ହୋଇଥିଲା । ସେ ଥିଲେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ସିନ୍ଦୋଳ ଗ୍ରାମପଞ୍ଚାୟତ ଇନ୍ଦିରିଆ ଗାଁ ମୁସଲିମବସ୍ତିର ଧର୍ମପରାୟଣ ବ୍ୟକ୍ତ ବାବୁ ମିଆଁ । ଯେ କି କହୁଥିଲେ ଈଶ୍ୱର ଆଲ୍ଲା ତେରେ ନାମ...। ଏମିତିରେ ଏହି ବ୍ୟକ୍ତି ଜଣଙ୍କ ଗରିବ ହେଲେ ବି ଥିଲେ ସ୍ୱାଭିମାନୀ । ସେ ରିକ୍ସାଟାଣି ପରିବାର ପୋଷୁଥିଲେ । ବିଭିନ୍ନ ସାମାଜିକ , ଧର୍ମପୀଠ, ଶିକ୍ଷାନୁଷ୍ଠାନ ଓ ରାସ୍ତା କଡ଼ରେ ନଡ଼ିଆଗଛ ବି ଲଗାଇ ତା'ର ଯତ୍ନନେଉଥିଲେ । ସକାଳେ,ସନ୍ଧ୍ୟାରେ ନମାଜ ପଢ଼ିଲେ, ଭଜନ ଗାଇଲେ । ଏମିତି ଆଧାତ୍ମିକ ବିଶ୍ୱାସରେ କାଳାତିପାତ କରୁଥିଲେ। ଘରେ ଆଲ୍ଲାଙ୍କୁ ପ୍ରାର୍ଥନା କରୁଥିବା ସ୍ଥାନରେ ନେଇ ରଖିଥିଲେ ଜଗନ୍ନାଥଙ୍କ ଫଟୋକୁ, ତୁଳସୀ ଚଉରାରେ ଜଳଅପର୍ଣ କରୁଥିଲେ । ଶ୍ରୀକ୍ଷେତ୍ରରେ ରଥ ଟାଣିବାକୁ ତାଙ୍କର ଭାରିଇଚ୍ଛା ରହିଥିଲା। ମାତ୍ର ମନରେ ଟିକେ ଶଙ୍କାଥିଲା ଯେ ସେ ମୁସଲିମ ବୋଲି । ହେଲେ ସେ ଦିନେ ସ୍ୱପ୍ନ ଦେଖିଲେ ଜଗନ୍ନାଥ ତାଙ୍କୁ ଡାକୁଛନ୍ତି। ଏପରି ଚିନ୍ତନରେ ହଠାତ୍ ଦିନେ ଗାଁରୁ ସେ କେଉଁଆଡ଼େ କିଛିଦିନ ଗାଏବ ହୋଇଗଲେ । ଆଉ ଯେତେବେଳେ ସେ ଘରେପହଞ୍ଚିଲେ ତାଙ୍କ ହାତରେ ଥିଲା ମହାପ୍ରଭୁଙ୍କ ଫଟୋ। କଣ୍ଠରୁ ଆସୁଥିଲା ଭଜନ, ଜଣାଣ। ସେତେବେଳେ ତାଙ୍କୁ ଦେଖିବାକୁ ଗାଁରେ ଅନେକଙ୍କ ଭିଡ଼ ଜମିଥିଲା । ତା'ପରେ ଚହଳପଡ଼ିଗଲା। ବାବୁ ମିଆଁ ପୀରଙ୍କୁ ଭୁଲି ପୁରସ୍ତମ ଯାଇଛି। ଶ୍ରୀକ୍ଷେତ୍ରରେ ଯାଇ ରଥ ଟାଣିଛି। ଆଲ୍ଲାଙ୍କୁ ନ ଡାକି ଈଶ୍ୱରଙ୍କୁ ଡାକୁଛି। କିଏ କହିଲା ବିଧର୍ମମୀ ତ କିଏ କହିଲା କାଫେର। ମାତ୍ର ଧର୍ମ ଓ ଈଶ୍ୱରଙ୍କୁ ନେଇ ପ୍ରତିବନ୍ଧକର ଗାରଟାଣୁଥିବା ମଣିଷଙ୍କ କାର୍ଯ୍ୟରେ ସେ ମର୍ମାହତ ହୋଇପଡୁଥିଲେ। ଏମିତିରେ ସେ ହେଲେ ଗାଁରୁ ବାସନ୍ଦ। ତଥାପି ଈଶ୍ୱର-ଆଲ୍ଲାଙ୍କୁ ଏକରୂପେ ମାନୁଥିଲେ। ଖାତିର ନ ଥିଲା କାହାରିକୁ । ଏଥିପାଇଁ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ୨୦୧୩ ମସିହାରୁ ବାବୁ ମିଆଁଙ୍କ ବିୟୋଗ ହୋଇସାରିଛି ସତ ହେଲେ ତାଙ୍କର ଈଶ୍ୱର ଭକ୍ତି, ଶ୍ରଦ୍ଧା, ପ୍ରେମ ଓ ସର୍ବଧର୍ମ ଚିନ୍ତନ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ରହିଥିବ ଯୁଗଯୁଗକୁ। ଏବେ ତାଙ୍କ ପରିବାର ଦୁଇପୁଅ ଓ ୫ ଝିଅଙ୍କ ବିବାହ କେବେଠୁ ସରିଯାଇଛି। ବାବୁଙ୍କ ସ୍ତ୍ରୀ ନସିଆ ବିବି ବୟସର ଅପରାହ୍ନରେ। କିନ୍ତୁ ଆଜିର ଦୁନିଆରେ ବାବୁ ମିଆଁଙ୍କ ସ୍ମୃତି କେବଳ କଥାରେ ରହିଯାଇଛି।

**କାଳିଆ ଠାକୁର, ଭାବକୁ ନିକଟ ଅଭାବକୁ ଦୂର:** କାଳିଆ ଠାକୁର, ଭାବକୁ ନିକଟ ଅଭାବକୁ ଦୂର। ଏଭଳି ଠାକୁରଙ୍କ ଭକ୍ତ ଭାବେ ନିଜର ଭକ୍ତି ଅର୍ଘ୍ୟ ଢ଼ାଳି ଦେଇଛନ୍ତି ଦେବଶ୍ରୀ ହଲିମ୍। ସେ କୁହନ୍ତି ମୁଁ ମୁସଲମାନ୍ ହେଲେ ମଧ୍ୟ ଘରେ ଶ୍ରୀବଳଭଦ୍ର, ମାତା ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ମାତା ଲକ୍ଷ୍ମୀଙ୍କ ପିତ୍ତଳ ମୂର୍ତ୍ତି ରଖି ପୂଜା କରେ। ସୁଖରେ ଦୁଃଖରେ ତିନି ଠାକୁର ଓ ମାତା ଲକ୍ଷ୍ମୀ ଠାକୁରାଣୀଙ୍କ ସହିତ ସେ ମନକୁ ମନ କଥା ହୁଏ। ସେମାନେ ମୋର ଅତି ନିଜର। ମୁସଲମାନ୍ ଭାବେ ନମାଜ ଓ କୋରାନ୍ ପାଠ ସହିତ ଶ୍ରୀଜଗନ୍ନାଥଙ୍କୁ ପୂଜା କରେ । ଏଥିରେ ଶାଶୁଘର ସଦସ୍ୟଙ୍କର ନ ଥାଏ କିଛି ବାଧା। ତିନି ଠାକୁରଙ୍କ ମଧ୍ୟରେ ସମଗ୍ର ବିଶ୍ୱର ବିଭିନ୍ନ ବର୍ଣ୍ଣର ଲୋକେ ସମାହିତ। ବଡ଼ ଭାଇ ଶ୍ରୀବଳଭଦ୍ରଙ୍କ ଶ୍ରୀଅଙ୍ଗ ପାଶ୍ଚାତ୍ୟ ଲୋକଙ୍କୁ ସୂଚିତ କରୁଥିବାବେଳେ ମାତା ସୁଭଦ୍ରାଙ୍କ ହଳଦିଆ ଶ୍ରୀଅଙ୍ଗ ୟୁରୋପୀୟ ବାସୀଙ୍କ ପ୍ରତୀକ। ସେହିପରି କଳାଠାକୁରଙ୍କ ଶ୍ରୀଅଙ୍ଗ ଆଫ୍ରିକୀୟ ସମେତ ସମସ୍ତ କୃଷ୍ଣ ବର୍ଣ୍ଣ ଲୋକଙ୍କୁ ସୂଚାଇଥାଏ। ଈଶ୍ୱର ଆଲ୍ଲା ହିଁ ଗୋଟିଏ ସ୍ୱରୂପ । ଆଉ ସେ ହେଉଛନ୍ତି କଳା ଠାକୁର। ସେ ସର୍ବବ୍ୟାପୀ,ସର୍ବ ସଚରାଚରରେ ସମାହିତ। ଘରେ ସ୍ୱାମୀ ଓ ପୁଅଙ୍କ ପରେ କଳାଠାକୁର ମୋର ଅତି ନିଜର। କଳାଠାକୁରଙ୍କ ପାଇଁ ଛୋଟ ବଗିଚାରେ ବିଭିନ୍ନ ପ୍ରକାର ତୁଳସୀ ସହିତ ଫୁଲଗଛ ମଧ୍ୟ ଲଗାଇଛି। ଶ୍ରୀଜଗନ୍ନାଥଙ୍କ ପାଇଁ ବି ବ୍ରହ୍ମକମଳ ଗଛ ଲଗାଇଛି। ଏଥିରେ ଫୁଲ ଫୁଟିଲେ ଏହାକୁ ଶ୍ରୀଜୀଉଙ୍କୁ ଲାଗି କରିବି। କାଳିଆ ଠାକୁରଙ୍କ ପୂଜା ସହିତ ମଗୁଶିର ଗୁରୁବାରରେ ଘରେ ଅତି ଶ୍ରଦ୍ଧାରେ ମାତା ଲକ୍ଷ୍ମୀଙ୍କ ପୂଜା କରିଥାଏ।

**ସେ ଭାବର ଠାକୁର, ଅତ୍ୟନ୍ତ ଉଦାର ସେ ଦିଅଁ–** ଜଗନ୍ନାଥ ଧର୍ମ ଓ ସଂସ୍କୃତି ଉପରେ କଳ୍ପନା ଅତ୍ୟନ୍ତ ଚମ୍‌କାର ଓ ମନୋମୁଗ୍ଧକର। ବିଶ୍ୱବାସୀଙ୍କୁ ଏହା ଆକର୍ଷିତ କରୁଛି। ଅନେକ ଭକ୍ତ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ଦର୍ଶନ କରିବାର ସୁଯୋଗ ପାଇପାରନ୍ତି ନାହିଁ ବୋଲି ସେମାନଙ୍କୁ ଦର୍ଶନ ଦେବା ନିମନ୍ତେ ବଡ଼ଦାଣ୍ଡକୁ ମହାପ୍ରଭୁ ରଥଯାତ୍ରା ସମୟରେ ଆସନ୍ତି। ସେତେବେଳେ ଭକ୍ତ ରଥାରୂଢ଼ ତିନି ଦିଅଁଙ୍କ ରଥ ଦଉଡି ଟାଣିପାରେ, ରଥକୁ ଛୁଇଁପାରେ । ସତରେ ତାଙ୍କ ରଥ ଟାଣି ଭକ୍ତମାନେ ଅପୂର୍ବ ଆନନ୍ଦ ଲାଭ କରନ୍ତି। ଶ୍ରୀଜଗନ୍ନାଥଙ୍କ ପୂଜାପଦ୍ଧତି ତ ଅତି ସରଳ। ଏହା ଆହୁରି ସରଳ ହୋଇଯାଏ ଅଣସର ଘରେ ଥିବା ସମୟରେ। ସେ ଭାବର ଦେବତା। ତାଙ୍କୁ ପାଇବା ପାଇଁ କିଛି ମନ୍ତ୍ର ତନ୍ତ୍ର ଲୋଡା ନାହିଁ ବୋଲି ମୋର ଭାବନା । ଯେଉଁମାନେ ତାଙ୍କୁ ଭାବରେ ଡାକନ୍ତି ତାଙ୍କ କଥା ଶୁଣନ୍ତି ଓ ତାଙ୍କ ଉପରେ ମହାପ୍ରଭୁ କୃପାବାରି ଅଜାଡି ଦିଅନ୍ତି। ସର୍ବ ଧର୍ମେ ଜଗନ୍ନାଥ। ଓଡ଼ିଶାରେ ସବୁ କାମରେ ତାଙ୍କୁ ଖୋଜାଯାଏ, ମନେପକାଯାଏ। ବିବାହରେ ତାଙ୍କ ପାଖକୁ ନିମନ୍ତ୍ରଣ ପଠାଯାଏ। ସେ ଭାବର ଠାକୁର, ଅତ୍ୟନ୍ତ ଉଦାର ସେ ଦିଅଁ। ତାଙ୍କ ପୂଜା ପଦ୍ଧତି ମୋତେ ଆକର୍ଷିତ କରେ। ଜଗନ୍ନାଥ ସଂସ୍କୃତିକୁ ଉଦାରତାର ସହ ଗ୍ରହଣ କରେ ବୋଲି କୁହନ୍ତି ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ୍ ଅଲି। ନବକଳେବର ୨୦୧୫ ସମୟରେ 'ମହାପ୍ରଭୁଙ୍କର ନବକଳେବର' ପ୍ରବନ୍ଧ ସଂକଳନ କରିଥିଲି। ଏଥିରେ ଓଡିଶାର ପ୍ରଖ୍ୟାତ ଲେଖକ ଓ ଜଗନ୍ନାଥ ଭକ୍ତମାନଙ୍କ ଲେଖା ପ୍ରକାଶ ପାଇଥିଲା। ମୁଁ ସେହି ସଂକଳନରେ ନବକଳେବର ସମ୍ପର୍କରେ ଏକ ଦୀର୍ଘ ପ୍ରବନ୍ଧ ଲେଖିଥିଲି ଓ ସେହି ପୁସ୍ତକର ମୁଖବନ୍ଧ ବି ଲେଖିଥିଲି। ଏହା ବ୍ୟତୀତ ରଥଯାତ୍ରା, ଚନ୍ଦନ ଯାତ୍ରା ସମୟରେ ପ୍ରବନ୍ଧ ଲେଖେ । ନୀଳାଦ୍ରିବିଜୟ, ଲକ୍ଷ୍ମୀଙ୍କ ମାନଭଞ୍ଜନ ଓ ରସଗୋଲା ଉପରେ ବି ପ୍ରବନ୍ଧ ଲେଖିଛି। । ମୁଁ ଓଡ଼ିଶାର ଲୋକ। ମୁଁ ଓଡ଼ିଆ। ଉତ୍କଳୀୟ ପରମ୍ପରା ଓ ଚଳଣି ମୋତେ ଭଲ ଲାଗେ । କଲେଜ ଜୀବନରୁ ମୁଁ ଧୋତି ପଞ୍ଜାବି ପିନ୍ଧୁଛି । ଯାହା ଓଡ଼ିଶାର ଚଳଣି ତାକୁ ମୁଁ ଗ୍ରହଣ କରିଛି। ସର୍ବଧର୍ମ ସମନ୍ୱୟର ପ୍ରତୀକ ଜଗନ୍ନାଥଧର୍ମ ଓ ସଂସ୍କୃତିରେ ଆମ ଜାତୀୟସଂସ୍କୃତି କେନ୍ଦ୍ରୀଭୂତ ହୋଇଛି।

ତଥ୍ୟ ଓ ଉପସ୍ଥାପନା–**ବନବିହାରୀ ବେହେରା**

ସହାୟତା: **ସଞ୍ଜିତ୍ ବଳ, ନୀଳେନ୍ଦ୍ରକୁମାର ଗଜେନ୍ଦ୍ର**



ବର୍ଷା ହେଉ କି ଖରା, ଛତାର ଚାହିଦା ସବୁବେଳେ ରହିଛି। ତେଣୁ ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ଦିନକୁ ଦିନ ମାର୍କେଟ୍‌କୁ ନୂଆ ନୂଆ ଡିଜାଇନ୍‌ର ଛତା ବି ଆସୁଛି। ତେବେ ଏଠାରେ ଏମିତି କିଛି ଷ୍ଟାଇଲିଶ୍ ଛତା ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯାହା ବର୍ଷାଦିନେ ବର୍ଷା ପାଣିରୁ ଓ ଖରାଦିନେ ପ୍ରଖର ସୂର୍ଯ୍ୟକିରଣରୁ ଲୋକଙ୍କୁ ସୁରକ୍ଷା ଦେବା ସହ ଟ୍ରେଣ୍ଡି ମଧ୍ୟ ଲାଗିପାରୁଛି...




# ଟ୍ରେଣ୍ଡି ଛତା



**ୟୁଭି ରେ’ ବ୍ଲକିଂ ଅମ୍ବ୍ରେଲା:** ପ୍ରଖର ସୂର୍ଯ୍ୟକିରଣରେ ଥିବା କ୍ଷତିକାରକ ୟୁଭି ରେ’ ଅନେକ ସମୟରେ ଆମ ଶରୀରରେ ବିଭିନ୍ନ ପ୍ରକାର ଚର୍ମରୋଗ ସୃଷ୍ଟି କରିଥାଏ। ହେଲେ ଏବେ ମାର୍କେଟ୍‌କୁ ଏକ ସ୍ୱତନ୍ତ୍ର ଧରଣର ଛତା ଆସିଲାଣି, ଯାହା ସୂର୍ଯ୍ୟଙ୍କର ଏହି କ୍ଷତିକାରକ ରଶ୍ମିଙ୍କୁ ଆଉ ଆମ ଶରୀର ଉପରେ ପଡ଼ିବାକୁ ଦେବନାହିଁ। କାରଣ ଏହି ଛତାକୁ ଏକ ସ୍ୱତନ୍ତ୍ର ସୋଲାର୍‌ଟେକ୍ ଫାବ୍ରିକ୍ ଦ୍ୱାରା ତିଆରି କରାଯାଇଛି, ଯାହା ସୂର୍ଯ୍ୟଙ୍କର ୟୁଭି ରେ’କୁ ବ୍ଲକ୍ କରିଥାଏ। ବିଶେଷକରି ଏହି ଛତା ଡବଲ୍ କୋଟେଡ୍‌ରେ ଆସିଥାଏ, ଯାହାର ଉପର ପାର୍ଶ୍ୱରେ ଗୋଟେ ରଙ୍ଗ ଆଉ ଭିତର ପାର୍ଶ୍ୱରେ ଅନ୍ୟ ଏକ ରଙ୍ଗ ରହିଥାଏ।





**ସି ଥ୍ରୋ ଅମ୍ବ୍ରେଲା:** ଏହା ମୁଖ୍ୟତଃ ଏକ ଟ୍ରାନ୍ସପାରେଣ୍ଟ ଛତା, ଯାହାକୁ ଯେକୌଣସି ରଙ୍ଗର ଆଉଟ୍‌ଫିଟ୍ ସହ କ୍ୟାରି କରିପାରିବେ। ତେବେ ଟ୍ରାନ୍ସପାରେଣ୍ଟ ହୋଇଥିବାରୁ ପ୍ରବଳ ବର୍ଷା ହେଉଥିବା ସମୟରେ ଏହା ମଧ୍ୟଦେଇ ବାହାରର ଦୃଶ୍ୟ ଦେଖିବାରେ ବହୁ ସୁବିଧା ହୋଇଥାଏ।

**ହାର୍ଟ ଶେପ୍ ଅମ୍ବ୍ରେଲା:** ରୋମାଣ୍ଟିକ୍ ରୋମାଣ୍ଟିକ୍ ଲାଗେ ଏହି ଛତାକୁ କ୍ୟାରି କଲେ। କାରଣ ଏହି ଛତାର ଶେପ୍ ହିଁ ସେମିତି ହୋଇଥାଏ। ବିଭିନ୍ନ ରଙ୍ଗରେ ଆସୁଥିବା ହାର୍ଟଶେପ୍‌ର ଏହି ଛତା ମଧ୍ୟରୁ ଖାସ୍ କରି ନାଲି ରଙ୍ଗକୁ ଅନେକେ ପସନ୍ଦ କରୁଥିବା ଦେଖିବାକୁ ମିଳେ।



**ପୋଲ୍‌କା ଡଟ୍ ପ୍ରିଣ୍ଟ ଅମ୍ବ୍ରେଲା:** ପୋଲ୍‌କା ଡଟ୍‌ର ଫ୍ୟାଶନ୍ କେବେ ବି ପୁରୁଣା ହୁଏ ନାହିଁ। ଏହି ପ୍ରିଣ୍ଟ ଥିବା ଆଉଟ୍‌ଫିଟ୍ ଯେମିତି ଷ୍ଟାଇଲିଶ୍ ଲାଗେ, ଠିକ୍ ସେମିତି ଏହି ପ୍ରିଣ୍ଟର ଛତା ବି ଟ୍ରେଣ୍ଡି ଲାଗିଥାଏ। ବିଶେଷକରି ଖରାଦିନେ ଅନେକ ଯୁବତୀ ଏହାକୁ କୁଲ୍ ସମର୍ ଫ୍ୟାଶନ୍ ଟ୍ରେଣ୍ଡ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଥାଏ।



**ଫ୍ଲୋରାଲ୍ ଶେପ୍ ଅମ୍ବ୍ରେଲା:** ଆଜିକାଲି ଫ୍ଲୋରାଲ୍ ଶେପ୍‌ବାଲା ଛତାର ଚାହିଦା ବେଶ୍ ରହିଥିବା ଦେଖିବାକୁ ମିଳୁଛି। ଏହା ଟ୍ରେଣ୍ଡି ବି ଲାଗୁଛି। ବିଭିନ୍ନ ରଙ୍ଗର ତଥା ବିଭିନ୍ନ ଫୁଲ୍‌ର ଡିଜାଇନ୍‌ରେ ଆସୁଥିବା ଏହି ଛତାଗୁଡ଼ିକୁ ଉଭୟ ବର୍ଷାଦିନେ ଓ ଖରାଦିନେ ମଧ୍ୟ ବ୍ୟବହାର କରିହେବ।

**ଆନିମଲ୍ ପ୍ରିଣ୍ଟ ଅମ୍ବ୍ରେଲା:** ପୋଲ୍‌କା ଡଟ୍ ପରି ଆନିମଲ୍ ପ୍ରିଣ୍ଟ ବି କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତେଣୁ ଏହି ପ୍ରିଣ୍ଟ ଥିବା ଛତା ବି ଟ୍ରେଣ୍ଡି ଲାଗେ।



**ଫ୍ରିଲ୍ ଅମ୍ବ୍ରେଲା:** ଆଉଟ୍‌ଫିଟ୍‌ଗୁଡ଼ିକରେ ଫ୍ରିଲ୍ ଡିଜାଇନ୍ ହୋଇଥିବା ତ ଅନେକ ଦେଖିଥିବେ। ହେଲେ ଏବେ ଛତା ବି ଏହି ଡିଜାଇନ୍ ହୋଇ ମାର୍କେଟ୍‌ରେ ମିଳିଲାଣି, ଯାହା ଦେଖିବାକୁ ମଧ୍ୟ ଖୁବ୍ ସୁନ୍ଦର ଲାଗୁଛି। ଖାସ୍ କରି ଫ୍ରିଲ୍ ଡିଜାଇନ୍‌ବାଲା ଆଉଟ୍‌ଫିଟ୍ ସହ ଯଦି ଏହି ଛତାକୁ ବ୍ୟବହାର କରାଯାଏ, ତା’ହେଲେ ତାହା ଆକର୍ଷଣୀୟ ଓ ମ୍ୟାଚିଂ ଲୁକ୍ ନିଶ୍ଚୟ ଦେବ।

**ଗଗଲ୍ସ ଅମ୍ବ୍ରେଲା:** ଗଗଲ୍ସ ବା ଚଷମା। ଚଷମା ଡିଜାଇନ୍ ଥିବା ଏହି ଛତାକୁ ଧରିଲେ ଅନେକ ସୁବିଧା ହୋଇଥାଏ। ଯଥା ଖରା କିମ୍ବା ବର୍ଷା ଦିନେ ଏହାକୁ ଧରି ଯିବାବେଳେ ଛତାରେ ଥିବା ଏହି ଚଷମା ଡିଜାଇନ୍‌କୁ ଆଖି ସାମ୍ନାରେ ରଖିଲେ ବାହାରର ଦୃଶ୍ୟକୁ ଆରାମରେ ଦେଖିହୁଏ। କାରଣ ଏହି ଚଷମାର ଡିଜାଇନ୍ ଟ୍ରାନ୍ସପାରେଣ୍ଟ ହୋଇଥାଏ। ଫଳରେ ଆଉ ଛତାକୁ ଆଖି ଉପରକୁ ଟେକିବାକୁ ପଡେ ନାହିଁ।

# ମାନବବାଦୀ ଲେଖିକା



ସୁସ୍ମିତା ବନ୍ଦୋପାଧ୍ୟାୟ



ରୁଥ୍ ପ୍ରୱାର ଝାବ୍‌ୱାଲା



ଏଲିଏନର କ୍ୟାଟନ



ଆଲିସ୍ ମୁନ୍‌ରୋ

ବିଶ୍ୱ ସାହିତ୍ୟ ହେଉ କି ଆଞ୍ଚଳିକ ସାହିତ୍ୟ– ତାହାର ଆରମ୍ଭ ହୋଇଥିଲା ଫାଣ୍ଟାସୀ ବା କଳ୍ପନାରୁ। ତେବେ ସମୟକ୍ରମେ ଧୀରେ ଧୀରେ ସାହିତ୍ୟର ଧାରା ବଦଳିଲା। ସାହିତ୍ୟ କଳ୍ପନା ବିଳାସର କଥା କହିବା ବନ୍ଦକରି ସମାଜର କଥା କହିଲା। ସାମାଜିକ ସମସ୍ୟାର କାହାଣୀକୁ ଲୋକଲୋଚନକୁ ଆଣିଲା। ଊନବିଂଶରୁ ବିଂଶଶତାବ୍ଦୀ ମଧ୍ୟରେ ସାହିତ୍ୟ ଜଗତରେ ଏକ ଆମୂଳଚୂଳ ପରିବର୍ତ୍ତନ ଘଟିଲା ବୋଲି କୁହାଯାଇପାରିବ। ବିଶ୍ୱରେ ଦୁଇ ଦୁଇଥର ସଂଘଟିତ ଭୟାନକ ରକ୍ତାକ୍ତ ମହାସମର ବା ବିଶ୍ୱଯୁଦ୍ଧ ହିଁ ସାହିତ୍ୟର ଧାରାକୁ ବଦଳେଇଦେଲା। ସାହିତ୍ୟ କ୍ରମଶଃ ବ୍ୟକ୍ତିମନସ୍କ ହେଲା। ଏହି ସମୟରେ ସୃଷ୍ଟିହେଲା ମାନବବାଦୀ ସାହିତ୍ୟ। ସମାଜରେ ବସବାସ କରୁଥିବା ମଣିଷର ନିଜକଥାକୁ ନେଇ ସୃଷ୍ଟିହେଲା ସାହିତ୍ୟ। ବହୁ ମାନବବାଦୀ ସ୍ରଷ୍ଟା ମାନବ ସମାଜର ଜୟଗାନ କଲେ। ସେମାନଙ୍କର ସୁଖଦୁଃଖର କଥା କହିଲେ। ମାନବବାଦର କଥା କହୁଥିବା ସେହିଭଳି ଚାରିଜଣ ବିଶ୍ୱ ବରେଣ୍ୟା ନାରୀ ସାହିତ୍ୟିକା ହେଉଛନ୍ତି ଆଲିସ୍ ମୁନ୍‌ରୋ, ସୁସ୍ମିତା ବନ୍ଦୋପାଧ୍ୟାୟ, ରୁଥ୍ ପ୍ରୱାର ଝାବ୍‌ୱାଲା ଏବଂ ଏଲିଏନର କ୍ୟାଟନ।

**ଆଲିସ୍ ମୁନ୍‌ରୋ:** ସେ ହେଉଛନ୍ତି କାନାଡ଼ାର ଲେଖିକା। ୧୯୩୧ ମସିହା ଜୁଲାଇ ୧୦ ତାରିଖରେ ତାଙ୍କର ଜନ୍ମ। ମୁନ୍‌ରୋଙ୍କ ଗଳ୍ପ ଉପନ୍ୟାସର କାହାଣୀ ସବୁ ଆରମ୍ଭ ହୁଏ ତାଙ୍କର ବାସସ୍ଥାନ ଓଣ୍ଟାରିଓରୁ। ଆଲିସ୍ ହେଉଛନ୍ତି ଜଣେ ପ୍ରଚଣ୍ଡ ମାନବବାଦୀ ଲେଖିକା। ତାଙ୍କର ବହିଗୁଡ଼ିକ ମଧ୍ୟରେ ରହିଛି ନୋ ଲଭ୍ ନୋ ଲଷ୍ଟ, ଭିନ୍‌ଟେଜ୍ ମୁନ୍‌ରୋ, ସିଲେକ୍‌ଟେଡ୍ ଷ୍ଟୋରିଜ୍, ଏ ୱାଇଲ୍ଡରନେସ୍ ଷ୍ଟେଶନ ଏବଂ ଆହୁରି ଅନେକ। ବିଶ୍ୱ ସାହିତ୍ୟରେ ଏହି ବରେଣ୍ୟା ସ୍ରଷ୍ଟାଙ୍କୁ ଆଣ୍ଟୋନ୍ ଚେକଭ୍‌ଙ୍କ ରଚନା ସହିତ ତୁଳନା କରାଯାଇଥାଏ। ୨୦୧୩ରେ ସେ ନୋବେଲ ପୁରସ୍କାର ଲାଭ କରିଥିଲେ। ନୋବେଲ କମିଟି ତାଙ୍କୁ ବିଂଶଶତାବ୍ଦୀର କ୍ଷୁଦ୍ରଗଳ୍ପର ମାଷ୍ଟର ବୋଲି ବର୍ଣ୍ଣନା କରିଥିଲା। ସମସ୍ତ ଜଟିଳତା ସତ୍ତ୍ୱେ ମଣିଷର ବିଜୟ ନିଶ୍ଚିତ। ଏହା ହେଉଛି ମୁନ୍‌ରୋଙ୍କ ସାହିତ୍ୟ ପ୍ରମୁଖ ମାନବବାଦୀ ସ୍ୱର।

**ସୁସ୍ମିତା ବନ୍ଦୋପାଧ୍ୟାୟ :** ମାନବର ଅଧିକାର, ମାନବବାଦର ଜୟକାର କରିବାକୁ ଯାଇ ଅନେକ ସ୍ରଷ୍ଟାଙ୍କୁ ବହୁମୂଲ୍ୟ ଦେବାକୁ ହୋଇଛି। ଏମିତିକି ମାନବାଧିକାର ବିରୋଧୀମାନେ ସେମାନଙ୍କୁ ହତ୍ୟା ମଧ୍ୟ କରିଛନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ଲେଖିକା ସୁସ୍ମିତା ବନ୍ଦୋପାଧ୍ୟାୟ। ସୁସ୍ମିତା ଆଫ୍‌ଗାନର ବୋହୂ ହେବା ପରେ ସେଠାରେ ଯାହା ଦେଖିଥିଲେ, ଯାହା ଅନୁଭବ କରିଥିଲେ ତାହାକୁ ନେଇ ରଚନା କରିଥିଲେ ଉପନ୍ୟାସ 'କାବୁଲିୱାଲାର ବେଙ୍ଗ୍‌ଲୀ ବୌ'। ମାତ୍ର ଏହି ଉପନ୍ୟାସ ତାଙ୍କ ପାଇଁ ମହଙ୍ଗା ପଡ଼ିଲା। ଏଥିରେ ମୌଳବାଦୀ ତାଲିବାନୀମାନଙ୍କର ଅସଲ ମୁଖାକୁ ଖୋଲି ଦିଆଯାଇଥିଲା। ଖାସ୍ ଏହି କାରଣ ପାଇଁ ତାଲିବାନୀ ମୌଳବାଦୀମାନେ ତାଙ୍କୁ ମାଡ଼ ମାରିଥିଲେ। ସେତିକିରେ ସେମାନଙ୍କର କ୍ରୋଧ ଶାନ୍ତ ହୋଇ ନ ଥିଲା ଯେ, ତାଙ୍କୁ ବଳାତ୍କାର କରିବା ସହ ନିର୍ମମ ଭାବରେ ଗୁଳିକରି ହତ୍ୟା କରିଥିଲେ।

**ରୁଥ୍ ପ୍ରୱାର ଝାବ୍‌ୱାଲା :** ଜର୍ମାନୀରେ ଜନ୍ମ ହୋଇଥିବା ଏହି ମହିଳାଙ୍କୁ ଆମେରିକା ତଥା ବ୍ରିଟିଶ ଲେଖିକା ବୋଲି କୁହାଯାଏ। ମାତ୍ର ମଜାର କଥା ହେଉଛି ଏହି ଲେଖିକାଙ୍କର ସମସ୍ତ ଲେଖା ଭାରତକୁ ନେଇ। ତେଣୁ ବ୍ରିଟେନ୍, ଆମେରିକା, ଭାରତ ଏବଂ ଜର୍ମାନୀର ପାଠକମାନଙ୍କ ନିକଟରେ ରୁଥ୍ ଆଶା କରିବାଠାରୁ ଅଧିକ ଲୋକପ୍ରିୟ। ତାଙ୍କର ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି – ଏସ୍‌ମଣ୍ଡ ଇନ୍ ଇଣ୍ଡିଆ, ଦି ହାଉସ୍ ହୋଲ୍‌ଡର, ଗେଟ୍ ରେଡି ଫର୍ ବ୍ୟାଟଲ, ଲାଇକ୍ ବାର୍ଡସ ଲାଇକ୍ ଫିସେସ୍, ଏ ବ୍ୟାକ୍‌ୱାର୍ଡ ପ୍ଲେସ୍, ଏ ଷ୍ଟ୍ରେଞ୍ଜର କ୍ଲାଇମେଟ୍, ଏନ୍ ଏକ୍ସପେରିଏନ୍ସ ଅଫ୍ ଇଣ୍ଡିଆ, ହିଟ୍ ଆଣ୍ଡ ଡଷ୍ଟ, ହାଓ ଆଇ ବିକେମ୍ ଏ ହୋଲି ମଦର ଏବଂ ଆହୁରି ଅନେକ। ଏହି ଲେଖିକାଙ୍କର ଜନ୍ମ ୧୯୨୭ ମସିହାରେ ହୋଇଥିବା ବେଳେ ଦେହାନ୍ତ ଘଟିଥିଲା ୨୦୧୩ ଏପ୍ରିଲ ମାସରେ।

**ଏଲିଏନର କ୍ୟାଟନ :** ମଣିଷର ସବୁଠୁ ବଡ଼ ଆବଶ୍ୟକତା ହେଲା ବଞ୍ଚିବା। ଆଉ ବଞ୍ଚିବା ପାଇଁ ମଣିଷ ଜାରି ରଖିଛି ଅହରହ ସଂଗ୍ରାମ। ଏଭଳି ଏକ ସମ୍ବେଦନଶୀଳ ସତ୍ୟର ଲେଖିକା ହେଉଛନ୍ତି ନ୍ୟୁଜିଲାଣ୍ଡର ଲେଖିକା ଏଲିଏନର କ୍ୟାଟନ। ତାଙ୍କୁ ଆମେରିକାନ୍ ନ୍ୟୁଜିଲାଣ୍ଡର ଲେଖିକା ବୋଲି ମଧ୍ୟ କୁହାଯାଏ। କାରଣ ତାଙ୍କର ଜନ୍ମ ଆମେରିକାରେ। 'ଦି ଲୁମିନାରିଜ୍' ହେଉଛି ତାଙ୍କର ପ୍ରସିଦ୍ଧ ଉପନ୍ୟାସ। ଏହି ଉପନ୍ୟାସ ପାଇଁ ସେ ପାଇଥିଲେ ମର୍ଯ୍ୟାଦାଜନକ ବୁକର ସମ୍ମାନ।

# ଆଜି ବେଶି ମନେପଡ଼ ତମେ

–ଦୀନକୃଷ୍ଣ ପ୍ରଧାନ

ମେଘକୁ ମାଗି ନଥିଲି
ମନସ୍ତାପ
ମେନକାକୁ ମୟୂରୀର
ନାଚ,
ଆଜି କାହିଁ ମନେପଡ଼େ
ବେଶି ବେଶି ତମ କଥା

ଅତୀତ ଓ ସ୍ୱପ୍ନ
ଘଟଣା ଦୁର୍ଘଟଣାର
ଗଣିତ ସମସ୍ତ....
ଶରଶଯ୍ୟା ସମର ଭୂଇଁ
ଦ୍ୱନ୍ଦ୍ୱ ଯୁଦ୍ଧ ସଂଘର୍ଷ
ସଂପାତ*

ଅଦ୍ଭୁତ ଏ ଲଢ଼େଇ
ସୋରିଷେ ଲୋଭର
ତତ୍କାଳୀନ ସମ୍ରାଟ ଈଶ୍ୱର
କଂପିତ କମାଣ ଆଉ
ହାତ ହତିଆର

ଏବେ ଯେବେ ମନେପଡ଼
ଅନିନ୍ଦିତା ତମେ
ମତେ ଲାଗ ସବୁଠୁ ସୁନ୍ଦର ।
ତମେ ଆସିଲନି ଆଜି
ଅପେକ୍ଷାର ପାନ୍ଥଶାଳା
ପରେ

ମୁଶ୍ ମୁଶ୍ ଜହ୍ନରାତି
ମୁକୁତା ମଦିରା ପିଇ
ଆଖିରେ ମୋ କେମିତି
ପହଁରେ....

*–ଅଳଗୁମ, ପୁରୀ*

# ବାତ୍ୟା ସହାୟତା

–ରମେଶ ଚନ୍ଦ୍ର ସାହୁ

ବାତ୍ୟାରେ ଛୋଟ ବଡ଼ ଅନେକ ଗଛ ଧରାଶାୟୀ ହୋଇଗଲା । ଜାଳକାଠ ଗାଁ ଗହଳିରେ ଶାଗ ମାଛ ଦରରେ ବିକ୍ରିହେଲା । ବେଣୁଧରବାବୁ ସେଥିରୁ ଗାଡ଼ିଏ କାଠ କିଣିଲେ । ଆଶ୍ଚର୍ଯ୍ୟ ହେଲେ ଗାଁ ଲୋକେ, ଘରେ ତ ଗ୍ୟାସ୍ ରୋଷେଇ, ଏତେ ଗୁଡ଼ାଏ କାଠ କ'ଣ ହେବ ? ବେଣୁବାବୁ କହିଲେ, ''ବାପା ବୋଉ ଦୁହେଁ ପେଟ ରୋଗୀ । ଡାକ୍ତର କହିଛନ୍ତି ଗ୍ୟାସ୍ ରୋଷେଇ ଦେହରେ ଯାଉନି । ତେଣୁ ଏବେ କାଠରେ ରୋଷେଇ ହେବ ସବୁଦିନ ।''

ବେଣୁବାବୁଙ୍କୁ ଏହି ମହାନତା ପାଇଁ ପ୍ରଶଂସାରେ ପୋତିପକାଇଲେ ଗାଁ ଲୋକେ । କିନ୍ତୁ ବାପା ବୋଉ ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲେ, ପେଟର ଯନ୍ତ୍ରଣା ଉପଶମ ପାଇଁ କିଣାହେଉନି ଔଷଧ । ଦୁଇ ଓଳି ଦୁଇ ମୁଠା ଭଲରେ ଖାଇବାକୁ ଦେଉନାହାନ୍ତି । ସେଥିରେ ପୁଣି ଚୁଲିଫୁଙ୍କି କାଠରେ ରୋଷେଇକରି ଦେବେ । ତାଙ୍କ ବୋହୂଙ୍କର ଏକଥାକୁ ଜମାରୁ ବିଶ୍ୱାସ କରିପାରୁ ନ ଥିଲେ ସେମାନେ । ବାଡ଼ିପଟେ ଗାଡ଼ିର ସବୁ କାଠ ଓହ୍ଲାଇ ରଖି ଘରକୁ ଆସିଲେ ବେଣୁବାବୁ । ସ୍ତ୍ରୀକୁ କହିଲେ, ''ବାତ୍ୟା ପାଇଁ ବୋଲି ସିନା ନ ହେଲେ ଏତିକି କାଠ ଦଶଗୁଣ ଅଧିକ ଟଙ୍କା ହୋଇଥାନ୍ତା ଅନ୍ୟଦିନେ ।''

''ବୁଢ଼ାବୁଢ଼ୀ ପାଇଁ ଏତିକି କାଠ ହୋଇଯିବ ?'' ଚୁପି ଚୁପି ପ୍ରଶ୍ନ କଲେ ସ୍ତ୍ରୀ ।

''ବଳକା ହେବ ''! କବାଟ ଆରପାଖରେ ଥିବା ବୁଢ଼ାବୁଢ଼ୀ, ପୁଅବୋହୂଙ୍କ କଥା ଶୁଣି ସତେ ଯେମିତି ଦରପୋଡ଼ା ଶବ ପାଲଟିଯାଉଥିଲେ ।

*–କନକଦୁର୍ଗା ମନ୍ଦିର ସାହି,*
*କୋରାପୁଟ*



# ବର୍ଷା

–ବିଧୁର କୁମାର ଦାଶ

ନୀଳ ଆକାଶରୁ
ବରଷା ଝରଇ
ଚାତକ ଧରଣୀ ପରେ
କଳା ମେଘ ଦେଖି
ମୟୂର ନାଚଇ
ସବୁଜ ଘାସର ଧାରେ
।।**।।

ବରଷା ପାରଇ
ଲୋତକ ଝରାଇ
ନୟନ କୋଣରୁ କା'ର
ମରୁ ମରୀଚିକା ଦଗ୍ଧ ହୃଦୟେ
ଝରାଇ ଶୀତଳ ଝର
।।**।।


ରଣବୀର–ଦୀପିକା

# ଯଦି କେବେ ସୁଯୋଗ ମିଳେ..

ଦୀପିକା ପାଦୁକୋନ ଯା ଭିତରେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। ହେଲେ ତାଙ୍କର ଗୋଟିଏ ଆଶା ଅପୂରଣ ରହିଯାଇଛି ବୋଲି କହି ବୁଲୁଛନ୍ତି। ଏକ ଆକ୍ସନଭିତ୍ତିକ ସିନେମାରେ ସେ ଅଭିନୟ କରିବାକୁ ଚାହାନ୍ତି। ପୁଣି ତାହା ଜାପାନିଜ୍ ମାର୍ଶଲ ଆର୍ଟ ଉପରେ ନିର୍ମିତ ହୋଇଥିବ। ଏ ବିଷୟରେ ସେ କହନ୍ତି, "କେହି କେହି ଆଶ୍ଚର୍ଯ୍ୟ ହେଉଥିବେ ଯେ ଜାପାନିଜ ମାର୍ଶଲ ଆର୍ଟ ଫିଲ୍ମ ଉପରେ ମୁଁ କାହିଁକି ଗୁରୁତ୍ୱ ଦେଉଛି। କାରଣ ଏପରି ଆର୍ଟରେ ମୋର ଦକ୍ଷତା ରହିଛି। ପିଲାଦିନୁ ଏହାକୁ ଶିଖିଥିଲି। ଏବେ ମଧ୍ୟ ପ୍ରାକ୍ଟିସ ଜାରି ରଖିଛି। ଆଉ ସେଥିରେ ମୋ ପତିଦେବ ରଣବୀରଙ୍କ ସହଯୋଗ ଯଥେଷ୍ଟ ରହିଛି। ସେ ମଧ୍ୟ ମୋତେ କେତେଥର କହିସାରିଲେଣି ଯେ ଯଦି ତମେ ଆକ୍ସନ ଫିଲ୍ମରେ ଅଭିନୟ କର ତେବେ ତାହା ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିବ। ହେଲେ ଏପରି ସୁଯୋଗ ମୋତେ କେବେ ମିଳିବ ତାହା ପ୍ରଯୋଜକଙ୍କ ଉପରେ ନିର୍ଭର କରେ।"

# ରାଜି ହେଲେ ଇଶାନ୍

ହଁ–ନାହିଁ ଭିତରେ ଫସି ଯାଇଥିବା ନବାଗତ ଇଶାନ ଖଟ୍ଟର ଶେଷରେ ରାଜି ହୋଇଛନ୍ତି। କଥା କ'ଣ କି ଅଲ୍ଲି ଆବାସ ଜାଫରଙ୍କ ନିକଟରୁ ଅଫରଟି ମିଳିବା ପରେ ସେ ଏଥିରେ ରାଜି ହେବେ କି ନାହିଁ ଅଡୁଆରେ ପଡିଯାଇଥିଲେ। କାରଣ ଏହି ଫିଲ୍ମକୁ ବାଦ୍ ଦେଇ ତାଙ୍କ ହାତରେ ଆଉ ୨–୩ଟି ଅଫର ରହିଛି। ତେଣୁ ସେ ଡେଟକୁ ନେଇ ଦୋଛକିରେ ପଡିଥିଲେ। ସୁପରହିଟ୍ ଫିଲ୍ମ 'ସୁଲତାନ୍', 'ଟାଇଗର ଜିନ୍ଦା ହେ' ଏବଂ ନିକଟରେ ରିଲିଜ ହୋଇଥିବା 'ଭାରତ'ର ନିର୍ଦ୍ଦେଶକ ଅଲ୍ଲୀ ଆବାସ ଜାଫର ବର୍ତ୍ତମାନ ନିଜସ୍ୱ ପ୍ରଡକ୍ସନ ହାଉସ ଖୋଲିଛନ୍ତି। ନିଜର ପ୍ରଥମ ପ୍ରଯୋଜିତ ସିନେମାର ନାୟକ ଭାବରେ ଅଭିନୟ କରିବାକୁ ସେ ଇଶାନଙ୍କୁ ଅଫର ଦେଇଥିଲେ। ଯାହାହେଉ ସବୁ କଳ୍ପନା ଜଳ୍ପନା ଅନ୍ତ ଘଟାଇ ସେ ଏହି ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଛନ୍ତି।





# କରୀନା ଯାହା ଚାହୁଁଥିଲେ..

ପିଲାଦିନେ କରୀନା କ'ଣ ଚାହୁଁଥିଲେ ଆଉ ଏବେ ସେ କାହା ସହ ଜଡିତ ? ପିଲାଦିନ କଥା ଛାଡନ୍ତୁ ଏବେ ସେ ବଲିଉଡ୍‌ର ଅନ୍ୟତମ ଆଗଧାଡିର ନାୟିକା–ଏଥିରେ କେହି ଦ୍ୱିମତ ହେବେ ନାହିଁ। କିନ୍ତୁ ପିଲାଦିନେ ତାଙ୍କର ଇଚ୍ଛା ଥିଲା ସେ କେମିତି ବଡ ପରଦାରେ ମୁହଁ ଦେଖାଇବେ। ସେତେବେଳେ ସେ ତାଙ୍କର ସାଙ୍ଗମାନଙ୍କୁ ନେଇ ବଡ ଭଉଣୀ କରିସ୍ମାଙ୍କ ଫିଲ୍ମ ଶୁଟିଂ ଦେଖିବାକୁ ଯାଉଥିଲେ। ଆଉ ସେତେବେଳେ ସେମାନଙ୍କୁ କହୁଥିଲେ, 'ତମେମାନେ ଦେଖିବ ମୁଁ ଦିନେ ନା ଦିନେ ମୋ ଭଉଣୀ ପରି ଅଭିନେତ୍ରୀ ହେବି।' ତାହା ତ ପୂରଣ ହୋଇଛି। 'ରିଫ୍ୟୁଜି' (୨୦୦୦) ସିନେମାରେ ଅଭିଷେକ ବଚ୍ଚନଙ୍କ ଅପୋଜିଟ୍‌ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ଯା ଭିତରେ ୧୯ ବର୍ଷ ବିତିଯାଇଛି ଆଉ କରୀନା ନାୟିକା ଭାବରେ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛନ୍ତି ତାହା କହିବା ବାହୁଲ୍ୟ। କରନ୍ ଜୋହରଙ୍କ 'କଭି ଖୁସି କଭି ଗମ୍'ର 'ପୁ'ଚରିତ୍ର ତାଙ୍କୁ ଏତେ ମାଇଲେଜ ଦେଇଥିଲା ଯେ ତାହାକୁ ଏବେ ମଧ୍ୟ ସ୍ମରଣ କରନ୍ତି କରୀନା। ସେ ଏବେ 'ହିନ୍ଦୀ ମିଡିୟମ–୨' ଏବଂ 'ଗୁଡ ନ୍ୟୁଜ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

# ସବୁ ମିଛ

ଯାହାହେଉ ଶେଷରେ ଦିଶା ପଟାନି ମୁହଁ ଖୋଲିଛନ୍ତି। ଶୁଣିବାକୁ ମିଳୁଥିଲା ଯେ ଟାଇଗର ଶ୍ରଫଙ୍କ ସହ ତାଙ୍କର ବ୍ରେକ୍ ଅପ ହୋଇଯାଇଛି। ହେଲେ ତାହା ସତ ନୁହେଁ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି ଦିଶା। ସେ କହନ୍ତି, 'ଆମ ଦୁହିଁଙ୍କୁ ନେଇ ଅନେକ କଥା ଶୁଣିବାକୁ ମିଳୁଛି। ଆମ ଭିତରେ କୁଆଡେ ବ୍ରେକ୍ ଅପ ହୋଇଯାଇଛି। ହେଲେ ତାହା ସତ ନୁହେଁ। ଦେଖୁନାହାନ୍ତି ଆମେ କେମିତି ଏକାଠି ପୁଣି ଥରେ ଆକ୍ଟିଂ କରିବାକୁ ଯାଉଛୁ। ଆମକୁ ନେଇ କିଏ କ'ଣ କହିଲା ତାହାକୁ ନେଇ ମୁଁ ଆଦୌ ବିଚଳିତ ହୋଇ ନ ଥାଏ। କାରଣ ଏବେ ମୁଁ ମୋ କ୍ୟାରିୟର ଉପରେ ଅଧିକ ଧ୍ୟାନ ଦେଉଛି।' ନିକଟରେ ଟାଇଗର ଏବଂ ଦିଶା ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ଦୁହିଁଙ୍କ ମଧ୍ୟରେ ବ୍ରେକ୍ ଅପ ହୋଇଛି ବୋଲି ଯାହା ଶୁଣାଯାଉଛି ତାହା ମିଛ ବୋଲି କହିଥିଲେ। ଅପରପକ୍ଷରେ ଟାଇଗର–ଦିଶା ଏକାଠି ଅଭିନୟ କରିବାକୁ ଯାଉଥିବା ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।

ଦୀଶା



# ଦୁଇ ଦୁଣେ ପାଞ୍ଚ

ଦୁଇ ଦୁଣେ କ'ଣ ପାଞ୍ଚ ହୋଇପାରେ ? ଏହା ନିଶ୍ଚୟ ଏକ ଉଦ୍ଭଟ ଚିନ୍ତାଧାରା। ହେଲେ କେତେକେ ଏହାକୁ 'ଦୁଇ ଦୁଣେ ପାଞ୍ଚ' ବୋଲି ପ୍ରମାଣ କରିବାକୁ ଚେଷ୍ଟାରତ। ସେମାନେ କିଏ ଆଉ କ'ଣ ପାଇଁ ଏଭଳି ଚିନ୍ତାଧାରା ଆପଣେଇଛନ୍ତି ଆଉ ତାହା ଦ୍ୱାରା କେଉଁମାନେ ପ୍ରଭାବିତ ହେଉଛନ୍ତି ତାହା ଜାଣିବେନି ? କାହାଣୀ ଅନୁସାରେ ଆଜିକାଲି ଦୁନିଆରେ କ୍ଷମତା ମୋହରେ ଧରାକୁ ସରା ମଣୁଥିବା କେତେକ ନେତା ସାଧାରଣ ଜନତାଙ୍କୁ ହଇରାଣ କରୁଛନ୍ତି। ଏହାବ୍ୟତୀତ ଚିଟଫଣ୍ଡ ମାୟାଜାଲରେ ଫସି ଅନେକ ଜନତା ସେଥିରୁ ମୁକୁଳିବାକୁ ଚାହୁଁଛନ୍ତି। ଠିକ୍ ସେତିକି ବେଳେ ଏପରି ସମସ୍ୟାର ସମ୍ମୁଖୀନ ହୋଇଥିବା ରାଜୁ ସାହସର ସହ ଆଗକୁ ବାହାରିଛି। ହେଲେ ନିଜର ଲକ୍ଷ୍ୟ ପଥରେ ସେ ପହଞ୍ଚି ପାରୁଛନ୍ତି ତ ? ସାଧାରଣ ଜନତା ସେପରି ନେତାଙ୍କୁ କିପରି ସାମନା କରୁଛନ୍ତି। ଏପରି ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦୁଇ ଦୁଣେ ପାଞ୍ଚ'। ଚଳଚ୍ଚିତ୍ରଟି ହେଲା 'ଦୁଇ ଦୁଣେ ପାଞ୍ଚ'। ଏ ସମ୍ପର୍କରେ ଏହି ସିନେମାର କାହାଣୀ–ଚିତ୍ରନାଟ୍ୟ–ସଂଳାପ ରଚୟିତା ତଥା ନିର୍ଦ୍ଦେଶକ ସରୋଜ ମହାପାତ୍ର କହନ୍ତି, 'ଏହି କାହାଣୀ ସାମ୍ପ୍ରତିକ ଘଟଣା ଉପରେ ଆଧାରିତ ହେଲେ ମଧ୍ୟ ସେଥିରେ ଅନେକ ନୂତନତ୍ୱ ରହିଛି। ଦୃଶ୍ୟାୟନ ସମୟରେ ତାହା କିପରି ଦର୍ଶକଙ୍କ ମନକୁ ଛୁଇଁପାରିବ ସେ ନେଇ ଯଥା ସମ୍ଭବ ଚେଷ୍ଟା କରାଯାଇଛି ଏବଂ ଫିଲ୍ମଟି ସେମାନଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରହିଛି।' ହରେକୃଷ୍ଣ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ତଥା ରାଧେଶ୍ୟାମ ମିଶ୍ରଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାରେ ଡ୍ୟାନ୍ସର ହରିହର ଦାଶ ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ଏଥିରେ ତାଙ୍କର ନାୟିକା ସାଜିଛନ୍ତି ସ୍ଥିତପ୍ରଜ୍ଞା। ଏମାନଙ୍କ ବ୍ୟତୀତ ଜୀବନ ପଣ୍ଡା, ସ୍ୱର୍ଗତ ସଲିଲ ମିତ୍ର, ବିଜୁ ବଡଜେନା ଏବଂ ଅଶ୍ରୁମୋଚନ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ବାପୁ ଗୋସ୍ୱାମୀ ରଚନା କରିଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ଶଶାଙ୍କ ଶେଖର।

ହରିହର



ପ୍ରଥମ ରୋଜଗାର

# ପ୍ରଥମ ଦରମାରେ ହାଇଡେସ୍କ ଓ ବେଞ୍ଚ କିଣିଥିଲି



ପ୍ରାଧ୍ୟାପକ, ପ୍ରାବନ୍ଧିକ ତଥା ଉଦ୍‌ଘୋଷକ **ଡ.ଚନ୍ଦ୍ରଶେଖର ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗାଁରେ ମୋ ଜନ୍ମ। ଜନତା ଉଚ୍ଚ ବିଦ୍ୟାଳୟରୁ ୧୯୭୫ ମସିହାରେ ଏକାଦଶ ଶ୍ରେଣୀ ପାସ୍ କରିବା ପରେ କେନ୍ଦୁଝର କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଥିଲି। ବିଜ୍ଞାନରେ ଭଲ ରେଜଲ୍ଟ ନ ହେବାରୁ ଯୁକ୍ତ ଦୁଇ ପରେ ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ଓଡିଆ ଅନର୍ସରେ ବି.ଏ. ପଢ଼ିଲି। ତା'ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡିଆରେ ଏମ୍.ଏ. ଓ ଏମ୍.ଫିଲ୍. କଲି। ଏମ୍.ଫିଲ୍.ର ଫାଇନାଲ୍ ରେଜଲ୍ଟ ବାହାରି ନ ଥାଏ, ସେହି ସମୟରେ ଅଡ଼ଶପୁର ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପାଇଁ ଇଣ୍ଟରଭ୍ୟୁ ଦେଲି, ଆଉ ସେଥିରେ ମନୋନୀତ ମଧ୍ୟ ହେଲି। ହେଲେ ସେଠାରେ ଜଏନ୍ କରିବାକୁ ଇଚ୍ଛା ହେଲାନାହିଁ। ବରଂ କୁହୁଡିରେ କଲେଜଟିଏ ଗଢି ସେଠାରେ ଅଧ୍ୟାପକ ଭାବେ କ୍ୟାରିୟର୍ କରିବାକୁ ମନେମନେ ସ୍ଥିର କଲି। ଶେଷରେ ଯେବେ ୫ଟି ପଞ୍ଚାୟତର ଜନସାଧାରଣଙ୍କ ମିଳିତ ସହଯୋଗରେ ୧୯୮୬ ମସିହାରେ କୁହୁଡି କଲେଜ ଗଢି ଉଠିଲା, ସେଠାରେ ମୁଁ ଓଡିଆ ଅଧ୍ୟାପକ ଭାବେ ଯୋଗ ଦେଲି। ସେତେବେଳେ ଏହି କଲେଜଟି ସ୍ଥାନୀୟ ଜନତା ଉଚ୍ଚ ବିଦ୍ୟାଳୟର ପଛପଟେ ଥିବା ପରିତ୍ୟକ୍ତ ହଷ୍ଟେଲରେ ଚାଲୁଥିଲା। ଛାତ୍ରୀଛାତ୍ରଙ୍କ ବସିବା ନିମନ୍ତେ ବି ସେଠାରେ କୌଣସି ବେଞ୍ଚ କି ହାଇଡେସ୍କ ନ ଥିଲା। କୁହୁଡି ସେବା ସମବାୟ ସମିତି ତରଫରୁ କେତୋଟି ବେଞ୍ଚ ଓ ହାଇଡେସ୍କ ଉକ୍ତ କଲେଜକୁ ଯୋଗାଇ ଦିଆଯାଇଥିଲା। ତେଣୁ ପ୍ରଥମ ମାସର ଦରମା ୩୦୦ ଟଙ୍କା ଯେବେ ପାଇଲି, ସେଥିରୁ କିଛି ଟଙ୍କା ଦେଇ କଲେଜ ପାଇଁ ଗୋଟିଏ ହାଇଡେସ୍କ ଓ ବେଞ୍ଚ କିଣିଥିଲି। ତା'ଛଡ଼ା ମୁଁ ଚାକିରି କଲାବେଳକୁ ମୋ ନନା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇସାରିଥିଲେ। ତେଣୁ ଘରର ବଡ଼ ପୁଅ ହିସାବରେ ଆଉ ଯାହା ଦରମା ଟଙ୍କା ବଳିଥିଲା ତାକୁ ନେଇ ଘରଖର୍ଚ୍ଚ ପାଇଁ ବୋଉ ହାତରେ ଦେଇଥିଲି। ଏହିପରି ଭାବେ ବେଶ୍ କିଛିଦିନ ଚାଲିଲା। ୧୯୮୯ରେ କୁହୁଡି କଲେଜକୁ ସରକାରୀ ଅନୁଦାନ ମିଳିଲା ଆଉ ୧୯୯୪ରେ ଆମମାନଙ୍କୁ ସରକାରୀ ନିୟମାନୁଯାୟୀ ଦରମା ମିଳିଚାଲିଲା। ବର୍ତ୍ତମାନ ଏହି କଲେଜଟି ପ୍ରାୟ ୭୨ ଏକର ପରସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢିଉଠିଛି, ଯେଉଁଠାରେ ରହିଛି ୩୨ଟି ବଡ଼ବଡ଼ କ୍ଲାସରୁମ୍। ତା'ସହିତ ମାତ୍ର ୧୭ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଗଢି ଉଠିଥିବା ଏହି କଲେଜରେ ବର୍ତ୍ତମାନ ସହସ୍ରାଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେହିପରି ୟା' ଭିତରେ ମୁଁ ବି ଅଧ୍ୟାପକରୁ ପ୍ରାଧ୍ୟାପକ ହୋଇସାରିଲିଣି। ଏପରିକି ୨୦୦୮ରୁ ମୁଁ ପି.ଏଚ୍‌ଡି. ଡିଗ୍ରୀ ବି ହାସଲ କରିସାରିଲିଣି। ବୃତ୍ତିଗତ ଜୀବନ ବାଦ୍ ଗପ, କବିତା, ପ୍ରବନ୍ଧ ଲେଖିବାରେ ମଧ୍ୟ ମୋର ଖୁବ୍ ରୁଚି ରହିଛି। ବର୍ତ୍ତନାମ ସୁଦ୍ଧା ମୋର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବିତା, ୩୦ରୁ ଊର୍ଦ୍ଧ୍ୱ ଗପ ଏବଂ ୩୦୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଲାଣି। ତା'ଛଡ଼ା ଆଜକୁ ପ୍ରାୟ ୧୦ ବର୍ଷ ହେବ ଶିବରାତ୍ରି, ରଥଯାତ୍ରା, ଦଶହରା ଭସାଣି ଉପରେ ବିଭିନ୍ନ ଚ୍ୟାନେଲ୍‌ରେ ଧାରାବିବରଣୀ ଦେଇଆସୁଛି। ସେହିପରି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଉତ୍ସବ ସମ୍ପର୍କରେ ମଧ୍ୟ ବହୁବାର ଟେଲିଭିଜନରେ ଆଲୋଚନା ବି କରିସାରିଛି। ପିତାମାତାଙ୍କ ଆଶୀର୍ବାଦ ଓ ଗୁରୁଦେବଙ୍କ ଦିଗ୍‌ଦର୍ଶନ ଯୋଗୁ ହୋମ, ଯଜ୍ଞ, ପୂଜାପାଠ, ମନ୍ଦିର ପ୍ରତିଷ୍ଠା ସହିତ ଜ୍ୟୋତିଷଶାସ୍ତ୍ରଦ୍ୱାରା ବିଭିନ୍ନ ସମସ୍ୟା ସମାଧାନ କରିବାରେ ନିଜକୁ ନିୟୋଜିତ କରିପାରିଛି। ଏସବୁ ବ୍ୟତୀତ ଆଜକୁ ପ୍ରାୟ ୨୦ ବର୍ଷ ହେବ ଆର୍ଯ୍ୟକଳା ନିଳୟ ନାମକ ଏକ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ମୁଁ ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇ ଆସୁଛି। ଏ ସମସ୍ତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋତେ ଅନେକ ଅନୁଷ୍ଠାନ ତରଫରୁ ବହୁ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି। ବିଶେଷକରି ବିଶ୍ୱବ୍ୟାଙ୍କଦ୍ୱାରା ଦିଲ୍ଲୀରେ ଆୟୋଜିତ ନୂତନ ପରୀକ୍ଷା ନିରୀକ୍ଷା କୌଶଳ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ତତ୍କାଳୀନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ୍ କଲାମ୍‌ଙ୍କଠାରୁ ୨୦୦୭ରେ ମିଳିଥିବା ପୁରସ୍କାର ମୋତେ ଅନେକ ଖୁସି ଆଣି ଦେଇଛି।

*–ଅନ୍ୱିତା*

# କନକ ଗୋରୀ ସ୍ୱପ୍ନ ସୁନ୍ଦରୀ, ସିଆଣି ନୁହେଁ ସେ ଭାରି ଚତୁରୀ

**ସାଥୀ**

**ପ୍ରଶ୍ନ**–ଜଣେ ସୁନ୍ଦରୀର ଚାହାଣିରେ ମୁଁ ଘାଇଲା ହେଲି। ଆଗପଛ ନ ଭାବି ତାକୁ ପ୍ରେମ କରିବସିଲି। ହେଲେ ଏବେ ତାହାର ବ୍ୟବହାରରୁ ଲାଗୁଛି ଆମ ପ୍ରେମ ଯେମିତି ଦିନକୁ ଦିନ ଫିକା ପଡିଯାଉଛି। ବେଶି ଦିନ ଲାଷ୍ଟିଂ କଲାଭଳି ଲାଗୁନି। କ'ଣ କରିବି ?

*–ସୁଜିତ ସାହୁ, ରାଉରକେଲା*

**ଉତ୍ତର** : କନକ ଗୋରୀ ସ୍ୱପ୍ନ ସୁନ୍ଦରୀ, ସିଆଣି ନୁହେଁ ସେ ଭାରି ଚତୁରୀ। ଦେଖୁନାହାନ୍ତି, ପ୍ରଥମେ ପ୍ରେମ ଜାଲରେ ଫସାଇବା ପରେ ସେହି ସୁନ୍ଦରୀର ଆଚାର ବ୍ୟବହାର କିପରି ଦିନକୁ ଦିନ ବଦଳି ଯାଉଛି। ଏମିତି ବି ହୋଇପାରେ ସେ ଚତୁରତାର ସହ ଆପଣଙ୍କ ଭଲ ପାଇବା କେତେ ଷ୍ଟ୍ରଙ୍ଗ ତାହା ପରୀକ୍ଷା କରୁଛି ବୋଲି ଭାବିନିଅନ୍ତୁ। ହୁଏତ ତା' ଭିତରେ ସେହି ଝିଅର ଅସଲ ଭଲ ପାଇବା ଲୁଚି ରହିଥାଇପାରେ। ବାସ୍, ସମୟକୁ ଦେଖି ହିଁ ଏପରି ପ୍ରେମରେ ଆଗାନ୍ତୁ।

**ପ୍ରଶ୍ନ**–କହିବେ କି ସାଥୀ, ପବିତ୍ର ପ୍ରେମର ପ୍ରକୃତ ସଂଜ୍ଞା କ'ଣ ?

*–ପ୍ରମୋଦ ଦଳାଇ, କୋରକୋରା, କଟକ*

**ଉତ୍ତର** :ପବିତ୍ର ପ୍ରେମରେ ଆବିଳତାର ଚିହ୍ନ ନ ଥାଏ। ଏହା ନିର୍ମଳ ଆକାଶ ପରି ସବୁବେଳେ ସ୍ୱଚ୍ଛ। ପରସ୍ପର ଭିତରେ ଯଦି ବୁଝାମଣା, ବିଶ୍ୱାସ ଠିକ୍ ରହିଲା, ମନରେ ସନ୍ଦେହର ବାଦଲ ଉଙ୍କି ନ ମାରିଲା ତେବେ ପ୍ରେମ ସବୁବେଳେ ପବିତ୍ର ରହିଥାଏ। ତେବେ ଆପଣଙ୍କ ପ୍ରେମ କେତେ ସଚ୍ଚା ତାହା ନିଜ ମାନସିକତା ଉପରେ ହିଁ ନିର୍ଭର କରିଥାଏ।

**ପ୍ରଶ୍ନ**–ପ୍ରେମର ଶେଷ କ'ଣ ସିନ୍ଦୂରରେ ହୋଇଥାଏ କି ?

*–ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର** : ପ୍ରେମ ଯେତେବେଳେ ଆରମ୍ଭ ହୁଏ ସେତେବେଳେ ତାହାର ଆରମ୍ଭ ଏବଂ ଶେଷକୁ ନେଇ ଉଭୟ ପ୍ରେମିକା-ପ୍ରେମିକଙ୍କ ମନରେ ଥାଏ ଅସୁମାରି ଆଶା। ହେଲେ ପ୍ରେମ ରାସ୍ତାରେ ଅନେକ ସମୟରେ ହଠାତ୍ ପାଣିପାଗ ବଦଳି ଯାଇଥାଏ। ଆଉ ତାହାର ସମ୍ମୁଖୀନ ହୋଇ କେତେକ ପ୍ରେମୀଯୁଗଳ ବାଟବଣା ହୋଇଯାଆନ୍ତି। ହେଲେ ନିଜ ପ୍ରେମ ଉପରେ ଯେଉଁମାନଙ୍କର ଶତ ପ୍ରତିଶତ ଭରସା ଥାଏ ସେମାନେ ଏହି ମିଶନରେ ସକ୍‌ସେସ ହେବାର ଚାନ୍ସ ଅଧିକ ଥାଏ। ଅସଲ ପ୍ରେମର ଶେଷ ସବୁବେଳେ ମଧୁର। ତେଣୁ ତାହା ଯେ ସିନ୍ଦୂରରେ ଶେଷ ନ ହେବ ସେମିତି ଭାବିବା ହୁଏତ ଭୁଲ୍ ହୋଇପାରେ।

**ପ୍ରଶ୍ନ**–ଆଗକୁ ପ୍ରେମରେ 'ଏକ ଦୁଜେ କେ ଲିୟେ' ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ପ୍ରେମରେ 'ତୁ ନୈହିଁ ତୋ ଔର କୋଇ' ବେଶି ଦେଖିବାକୁ ମିଳୁଛି। ଏଭଳି ପ୍ରେମର ଭବିଷ୍ୟତ କ'ଣ କହିବେ କି ସାଥୀ ?

*–ବୁଟୁ ବିନୋଦ ବେହେରା, ନୂଆସାହି, ଗୋଶାଳା ରୋଡ୍, ନୂଆବଜାର, କଟକ*

**ଉତ୍ତର** : ପ୍ରେମ ଯେତେବେଳେ ପାଣିଚିଆ ହୋଇଯାଏ ସେତେବେଳେ ତାହାର ଗତି ନିମ୍ନକୁ ହୋଇଥାଏ। ପ୍ରେମକୁ କେତେକ ଖେଳଣା ଭାବି ଖେଳିଥାଆନ୍ତି ଏବଂ ତାହାର ଫଳ ମଧ୍ୟ ଶୀଘ୍ର ମିଳିଯାଇଥାଏ। ଯେମିତି ପ୍ରେମ ସେମିତି ଫଳ। ବାରମାସୀ ଚଢ଼େଇ ରଙ୍ଗ ବଦଳାଇବା ପରି ପ୍ରେମିକା-ପ୍ରେମିକ ବଦଳାଉଥିବା ଯୋଡିଙ୍କ ପ୍ରେମର ଭବିଷ୍ୟତ ଫୁଲ୍ ଅନ୍ଧାର। କାରଣ ଏହି ପ୍ରେମରେ କ୍ଷଣିକ ମଜା ଥାଇପାରେ ହେଲେ ବିଶ୍ୱାସ ଆଦୌ ନ ଥାଏ।



# ସର୍ବହରା ମା’ବାପା

ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ସବୁ ମା’ବାପା ଦେଖନ୍ତି। ତାକୁ ପୂରଣ କରିବାକୁ ଦିନରାତି ଏକାକାର କରି ପରିଶ୍ରମ କରନ୍ତି। ବେଳେବେଳେ ତ ନିଜର ସର୍ବସ୍ୱ ହରାଇ ବସନ୍ତି। ତଥାପି ନ ଥାଏ ସେମାନଙ୍କର ଦୁଃଖ। ସେମିତି ଏକ ମା’ବାପାଙ୍କ କରୁଣ କାହାଣୀ ଦେଖିବାକୁ ମିଳେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତ, ପାଣ୍ଡବପାଟଣା ଗାଁରେ। ଗୋପାଳ ବେହେରା(୮୫) ଓ ତାଙ୍କ ଅର୍ଦ୍ଧାଙ୍ଗିନୀ ରଙ୍ଗି ବେହେରା (୮୦) ଏବେ ବୟସର ସାୟାହ୍ନରେ। ୪ ଝିଅ, ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ଆଉ ସେଇ ପିଲାଙ୍କ ଜୀବନକୁ ଖୁସିରେ ଭରିବାକୁ ଚେଷ୍ଟାକରି ଏବେ ସେମାନେ ସର୍ବହରା। ମୁଣ୍ଡ ଉପରେ ଛାତ ବି ନାହିଁ। ବାସହରା ହୋଇ ଏଠି ସେଠି ମୁଣ୍ଡ ଗୁଞ୍ଜୁଛନ୍ତି। ବୟସ ଥିବାବେଳେ ଗୋପାଳ ମୂଲମଜୁରି ଲାଗି ଘର ଚଳାଉଥିଲେ। ଅଭାବ ଅସୁବିଧା ଥିଲେ ହେଁ ସଂସାର ବେଶ୍ ଭଲଭାବେ ଚାଲିଥିଲା। ଧୀରେ ଧୀରେ ପିଲାମାନେ ବଡ଼ ହେଲେ। ବିବାହ ବୟସ ବି ଆସିଗଲା। ସେମାନଙ୍କ ବାହାଘର ଚିନ୍ତା ଘାରିଲା ଗୋପାଳଙ୍କୁ। ବହୁକଷ୍ଟରେ ଟଙ୍କା ଯୋଗାଡ଼ କରି ତିନି ଝିଅ, ଗୋଟିଏ ପୁଅକୁ ବିବାହ କରାଇଲେ। ତେବେ ସାନଝିଅର ବିବାହ ବେଳକୁ ତାଙ୍କ ପାଖରେ ନ ଥାଏ ଆଉ କିଛି ସମ୍ବଳ। ଏଣେ ପିଲାମାନଙ୍କ ଆର୍ଥିକ ଅବସ୍ଥା ବି ସ୍ୱଚ୍ଛଳ ନ ଥାଏ ବାପାଙ୍କୁ ସାହାଯ୍ୟ କରିବା ପାଇଁ। ତେଣୁ ଗୋପାଳଙ୍କ ଚିନ୍ତା ବଢ଼ିଯାଇଥାଏ। ଝିଅକୁ ତ ଆଉ ଅବିବାହିତ ରଖିପାରିବେନି। ଯେମିତି ହେଲେ ବିବାହ ଦେବାକୁ ପଡିବ। ହେଲେ ଆବଶ୍ୟକ ଅର୍ଥ ଆସିବ କେଉଁଠୁ ସେ ଭାବିପାରୁ ନ ଥାଆନ୍ତି। ଶେଷରେ ସେ ନେଲେ ଏକ ଚରମ ନିଷ୍ପତ୍ତି। ଏକମାତ୍ର ସମ୍ବଳ ନିଜ ଘରକୁ ଏକ ଲକ୍ଷ ୨୦ ହଜାର ଟଙ୍କାରେ ବିକ୍ରି କରିଦେଲେ। ଆଉ ସେଇଥିରେ ହିଁ ଝିଅକୁ ବାହାଦେଇ ଶାଶୁଘରକୁ ବିଦା କରିଦେଲେ। ହେଲେ ନିଜେ ହୋଇଗଲେ ବାସହରା। ଆଉ ଯାଯାବର ପରି ଜୀବନଯାପନ କଲେ। ଦୀର୍ଘଦିନ ସେମାନେ ସ୍ଥାନୀୟ ହାଇସ୍କୁଲର ଏକ ଖଣ୍ଡିଆ ଘରେ ଜୀବନଯାପନ କଲେ। ଆଉ ନଳି ଛାଣି ଗୋପାଳ ଗାଁ ଗଣ୍ଡାରେ ବିକ୍ରି କଲେ। ତାଙ୍କ ସ୍ତ୍ରୀ ଅନ୍ୟ ଘରେ ବାସନ ମାଜିଲେ। ଏମିତି କିଛିଦିନ ଠିକ୍‌ଠାକ୍ ଚଳିଲେ। କିନ୍ତୁ ସ୍କୁଲର ଘର ଆବଶ୍ୟକ ପଡିବାରୁ ସ୍କୁଲ କର୍ତ୍ତୃପକ୍ଷ ସେଠାରୁ ବାହାରିଯିବାକୁ କହିଲେ। ଏବେ ସମ୍ପୂର୍ଣ୍ଣ ବାସହରା ହୋଇଗଲେ ଦୁହେଁ। ଏହି ଅବସ୍ଥା ଦେଖି ଗାଁର କିଛି ଲୋକ ଗାଁ କୋଠଘର ବାରିପଟେ ଜରି ଟାଣି ରହିବାକୁ ଦେଲେ। ହେଲେ ବାର୍ଦ୍ଧକ୍ୟ ଯୋଗୁ ନଳି ଛାଣିବା କି ଅନ୍ୟ ଘରେ କାମ କରିବା ଆଉ ସେମାନଙ୍କ ପାଇଁ ସମ୍ଭବ ହେଲାନାହିଁ। ଶେଷରେ କିଛି ଗ୍ରାମବାସୀଙ୍କ ହାତଟେକାକୁ ଭରସା କଲେ ଦୁହେଁ। ଗ୍ରାମରେ ବିବାହ କରିଥିବା ଗୋଟିଏ ଝିଅ ବି ଅନେକ ସମୟରେ ଖାଇବା ଆଣି ଦେଇଯାଏ। ଯେଉଁଦିନ କେଉଁଆଡୁ କିଛି ନ ମିଳେ ଗୋପାଳଙ୍କ ସ୍ତ୍ରୀ ଘର ଘର ବୁଲି ଭିକ୍ଷା ବି ମାଗିଲେ। ପେଟ ଚାଖଣ୍ଡକ ଲାଗି ଏଭଳି ସଂଘର୍ଷ ଲାଗି ରହିଥିବାବେଳେ ଗତମାସରେ ହୋଇଥିବା ଭୟଙ୍କର ସାମୁଦ୍ରିକ ଝଡ଼ ଫନୀ ତାଙ୍କ ଦୁଃଖକୁ ଆହୁରି ବଢାଇଦେଲା। ପ୍ରବଳ ପବନରେ ଜରିଘର ତାଙ୍କର ଛାର୍‌ଖାର ହୋଇଗଲା। ତେଣୁ ହାଇସ୍କୁଲ ଗୃହରେ ଆଶ୍ରୟ ନେଇଥିଲେ। ହେଲେ ସ୍କୁଲ ଖୋଲିଯିବା ପରେ ସେମାନେ ଏବେ ନିକଟସ୍ଥ ପାହାଡ ତଳେ କୁଡିଆ କରି ରହୁଛନ୍ତି। ସେଥିରେ ପୁଣି ଗୋପାଳ ପକ୍ଷାଘାତ ରୋଗରେ ଆକ୍ରାନ୍ତ। ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯିବା ସମ୍ଭବ ହେଉନାହିଁ। ଏଣେ ତା’ ପାଇଁ କିଛି ନ ରଖି ଝିଅ ଲାଗି ଘର ବିକି ଦେଇଥିବାରୁ ପୁଅ ବି ଆଉ ଗାଁକୁ ଆସୁନାହିଁ। ତା’ ପରିବାରକୁ ନେଇ ବାହାରେ ରହି ମୂଲମଜୁରି ଲାଗି ଚଳୁଛି। ଏମିତିରେ ବାସହରା ଅସହାୟ ଗୋପାଳ ଓ ତାଙ୍କ ସ୍ତ୍ରୀ ଭାବିପାରୁନାହାନ୍ତି କେମିତି ବାକି ଜୀବନତକ କାଟିବେ। ଏବେ ଖାଲି ଭଗବାନ ହିଁ ସେମାନଙ୍କ ଭରସା ବୋଲି କୁହନ୍ତି।

**–ମାନସ ଚନ୍ଦ୍ର ପଟ୍ଟନାୟକ**





ରଙ୍ଗି



ଗୋପାଳ

# ଆନନ୍ଦେ ଏକବାର... ହରିବୋଲ

**–ଶ୍ରୀ ସନ୍ନ୍ୟାସୀ**

ଚିନ୍ମୟ ଚିନ୍ତନ



ପାଲା, ପ୍ରବଚନ, ଦେଉଳ ମନ୍ଦିର ତଥା ବିଭିନ୍ନ ଧାର୍ମିକ କାର୍ଯ୍ୟର ଆରମ୍ଭରେ କିମ୍ବା ଶେଷରେ ‘ହରିବୋଲ’ ଧ୍ୱନି ଦିଆହୁଏ। ପ୍ରବଚନରେ ପ୍ରବକ୍ତା ଜଣକ କୁହନ୍ତି–ଜଗତର ଦୁଃଖ ଦୂର ହେଉ–ଆନନ୍ଦେ ଏକବାର ହରିବୋଲ। ଉପସ୍ଥିତ ଭକ୍ତମାନଙ୍କ ସର୍ବ ଦୁଃଖ ଦୂରହେଉ, ବୋଲ ଆନନ୍ଦେ ଏକବାର ହରିବୋଲ। ସେହିପରି ପାଲାକାରମାନେ ପାଲା ଆରମ୍ଭରୁ ଅର୍ଥାତ ମଙ୍ଗଳାଚରଣ ପୂର୍ବରୁ କହିଥାନ୍ତି–ଜଗତ ଜନନୀ ମା’ ଶାରଳାଙ୍କ ପ୍ରୀତ୍ୟର୍ଥେ.. ବୋଲ ଆନନ୍ଦେ ଏକବାର ହରିବୋଲ। ତା’ପରେ ଉପସ୍ଥିତ ପାଳିଆମାନେ ଏଇ ଶେଷ ଶବ୍ଦ ‘ହରିବୋଲ’କୁ ବିଭିନ୍ନ ଢଙ୍ଗରେ ଗାଇ ଉପସ୍ଥିତ ଦର୍ଶକମାନଙ୍କ ମନୋରଞ୍ଜନ କରିଥାନ୍ତି।

ମୁଁ ପିଲାବେଳେ ଆଉ ଗୋଟିଏ ଜାଗାରେ ହରିବୋଲ ପଡ଼ିବା କଥା ଦେଖିଛି। ଆପଣମାନେ ବି ଶୁଣିଥିବେ। ମନେକର ଆପଣମାନଙ୍କ ଗାଁରୁ କିମ୍ବା ଗ୍ରାମ ମନ୍ଦିରରୁ କିଛି ଚୋରି ହେଲା। ଚୋର ତ ସହଜେ ମାନିବନି। ପୋଲିସ ଆସି ଯଦିଓ ତା’ କାମ କରେ ତଥାପି ଏଥିରେ କିଛି ଲୋକଙ୍କ ମନ ସନ୍ତୁଷ୍ଟ ହୁଏ ନାହିଁ। ସେମାନେ ଆଉ କିଛି ଲୋକଙ୍କୁ ମେଳାମେଳି କରି ମନ୍ଦିର ପ୍ରାଙ୍ଗଣକୁ ଆସନ୍ତି। ଚୋର ନାଁରେ ‘ହରିବୋଲ’ ଦିଅନ୍ତି। କେମିତି ଦିଆହୁଏ? ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ ଜଣେ ଉଚ୍ଚ ସ୍ୱରରେ କୁହେ–ମନ୍ଦିରରୁ ତମ୍ବା ନାଗ ସାପ, ବାସୁଆ ବଳଦ, ମା’ଙ୍କ ସୁନା ଗହଣାଗାଣ୍ଠିକୁ ଯିଏ ଚୋରି କରିଛି ତାକୁ ବଡ ରୋଗ ହଉ। ତା’ ଢିଅରେ ବିଲୁଆ ଡେଉଁ, ବୋଲ ଆନନ୍ଦେ ଏକବାର ‘ହରିବୋଲ’। ଅନ୍ୟମାନେ ସାମୂହିକ ଭାବେ କେବଳ ‘ହରିବୋଲ’ ବୋଲି ଜୋରରେ କୁହନ୍ତି। ଚୋର ଯଦି ସେହି ଗାଁ କିମ୍ବା ଅଞ୍ଚଳର ହୋଇଥିବ ତେବେ କଥାଟି ତା’ କାନରେ ପଡେ। ଧର୍ମକୁ କାହାର ଭୟ ନାହିଁ ଯେ! ତେଣୁ ରାତି ପାହିଲା ବେଳକୁ ଚୋରି ଜିନିଷ ସବୁ ମନ୍ଦିରରେ ରଖାଯାଇଥିବାର ଦେଖାଯାଇଥାଏ। ଯଦିଓ ସବୁ କ୍ଷେତ୍ରରେ ଏପରି ଘଟେନା ତଥାପି ‘ହରିବୋଲ’ ପକାଇବା ପରେ ଚୋରି ସାମଗ୍ରୀ ଯେ ମିଳିଯିବ ଏ ଭରସା କିଛି ଲୋକଙ୍କ ମନରେ ଥାଏ। ଆଉ ହଁ, ଚୋରଟି ଯଦି ଜ୍ଞାନୀ ହୋଇଥିବ ତେବେ ଏ ‘ହରିବୋଲ’ ପକାଣ ତା’ ପାଇଁ କିଛି ଫରକ୍ ଆଣି ନ ଥାଏ। ହଁ, ଜ୍ଞାନୀ ଚୋର ଅଛନ୍ତି ନା। ଏମାନେ ଭାବନ୍ତି କାଠ ପଥରରେ କ’ଣ ଦିଅଁ ଅଛନ୍ତି ଅବା ମୋ ଦୁଃଖ ଠାକୁର ଜାଣନ୍ତି। ମୋ ପିଲାଛୁଆ କ’ଣ ମୋର? ସବୁ ଠାକୁରଙ୍କର। ତେବେ ପିଲାଛୁଆ ମୋର ଚଳିବେ କେମିତି ମୁଁ ଯଦି ଚୋରି ନ କରେ? ଦେଖନ୍ତୁ, ନିଜକୁ ସୁହାଇଲା ଭଳିଆ ଚୋରର କି ବଳିଷ୍ଠ ଯୁକ୍ତି! ହାଃ......ହାଃ....।

ପାଠକେ! ଆମ୍ଭେ ମୂଳ କଥାଠାରୁ ଟିକେ ଦୂରେଇ ଗଲୁଣି। ଆଜିର ସ୍ତମ୍ଭରେ ମୁଁ ଆପଣଙ୍କୁ ଯେଉଁ କଥାଟି ଉପରେ କହିଥାନ୍ତି ତାହା ହେଉଛି ଠାକୁରଙ୍କ ଏତେ ନାଁ ଥାଉ ଥାଉ କେବଳ ‘ହରିବୋଲ’ କାହିଁକି? ‘ରାମ ବୋଲ’ ‘କୃଷ୍ଣ ବୋଲ’ ‘ଗଣେଶ ବୋଲ’ ବା ‘ହନୁମାନ ବୋଲ’ କାହିଁକି ନୁହେଁ? ଏ ପ୍ରସଙ୍ଗଟିକୁ ଆପଣ ଠିକ୍ ବୋଲି ଭାବୁଛନ୍ତି ନା ନାହିଁ?

ଏ ଶଙ୍କାର ସମାଧାନ କରିବାକୁ ଯାଇ ଆମ ଦେଶର ସାଧୁସନ୍ଥମାନେ ବିଭିନ୍ନ ଉତ୍ତର ଆମ୍ଭମାନଙ୍କୁ ଦେଇ ଯାଇଛନ୍ତି, ଯାହାକୁ ଆମ ରାଇଜର ବିଶେଷ କରି ପାଲା ଗାୟକମାନେ ବିଭିନ୍ନ ପାଲାରେ ଏହାକୁ ପରିବେଷଣ କରୁଥିବାର ଜଣାଯାଏ। ତେବେ ‘ହରିବୋଲ’ କାହିଁକି? ଯିଏ ହରଣ କରେ ସେ ହରି। କ’ଣ ହରଣ କରେ? ସୁନା ରୁପା? ନା ବନ୍ଧୁ। ମନୁଷ୍ୟର ଦୁଃଖ –ତ୍ରିତାପ (ଆଧ୍ୟାତ୍ମିକ, ଆଧିଦୈବିକ ଏବଂ ଆଧିଭୌତିକ)କୁ ଯିଏ ହରଣ କରେ, ସେ ହେଉଛନ୍ତି ହରି। ମନୁଷ୍ୟ ପ୍ରତି ମୁହୂର୍ତ୍ତରେ ପାପ କରେ। ବେଳେବେଳେ ବଡ ବଡ ପାପ ବି କରେ। ଏହା ତୁରନ୍ତ ହରଣ ହେବା ଦରକାର। ତେଣୁ ଭୟରେ ‘ହରିବୋଲ’।

ଦ୍ୱିତୀୟ ଉତ୍ତର! କୃଷ୍ଣଙ୍କର ଆସ୍ଥାନ ହେଉଛି ଆଖିରେ। ଆମ୍ଭେ କହୁ ‘ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ’। ଜଗନ୍ନାଥ ଯିଏ କୃଷ୍ଣ ସିଏ। ସେ ନୟନରେ ରୁହନ୍ତି। ରାମ ରୁହନ୍ତି ନାସାରେ। ସେ ହେଉଛନ୍ତି ଆତ୍ମାରାମ। ଆଉ ‘ହରି’ ରୁହନ୍ତି ମୁଖରେ। ପାଟିରେ ଯେହେତୁ ‘ହରି’ ରୁହନ୍ତି, ତେଣୁ ଆନନ୍ଦ ଏକବାର ‘ହରିବୋଲ’।

*–ଦିବ୍ୟାଲୋକ ସନ୍ଧାନେ*
*ତେଲେଙ୍ଗାପେଣ୍ଠ, କଟକ*

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




ଅଲ୍ଲୀ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଇଂରାଜୀ

ଇଂଲିଶ ସ୍ପିକିଂ କ୍ଲାସ୍ ଜଏନ୍ ହେବାର କିଛିଦିନ ପରେ ସ୍ୱାମୀ ଅଫିସ୍‌ରୁ ଘରକୁ ଫେରିବାବେଳେ ରୁବି- ୱେଲକମ୍ ହୋମ୍ ଡାର୍ଲିଂ।
ସ୍ୱାମୀ- ଆଇ ଆମ୍ ସୋ ଟାୟର୍ଡ।
ରୁବି- ଓକେ, 'ରେଷ୍ଟ ଇନ୍ ପିସ୍'।

### କ'ଣ ଦେଖିଲ

ପପୁ ବାପାଙ୍କୁ- ବାପା ତମେ ମାମାର କ'ଣ ଦେଖି ବାହା ହେଲ ?
ବାପା- ତାଙ୍କ ଗାଲରେ ଥିବା ଛୋଟ କଳାଜାଇ।
ପପୁ- ଏତେ ଛୋଟ ଜିନିଷ ପାଇଁ ଏତେ ବଡ ସମସ୍ୟାକୁ ମୁଣ୍ଡେଇଲ।

### ଆମର

ଆଲମାରୀରୁ କିଛି ଖୋଜୁଥିବା ସ୍ତ୍ରୀକୁ ସ୍ୱାମୀ – ତମେ ସବୁବେଳେ ମୋର ମୋର ବୋଲି କୁହ। କେବେ ତ ଆମର ବୋଲି କୁହ। ଚୁପ୍ ରହିଲ ଯେ, କ'ଣ ଖୋଜୁଛ ?
ସ୍ତ୍ରୀ- ଆମର ଶାଢ଼ୀ।







## ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସହର

# ହୋସ୍ପେଟ୍

କର୍ନାଟକର ବେଲ୍ଲାରି ଜିଲା ଅନ୍ତର୍ଗତ ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ହେଉଛି ହୋସ୍ପେଟ୍, ଯାହା ନିଜର ଐତିହାସିକ ତଥା ପ୍ରାକୃତିକ ମହତ୍ତ୍ୱ ପାଇଁ ବେଶ୍ ପ୍ରସିଦ୍ଧ। ତୁଙ୍ଗଭଦ୍ରା ନଦୀ କୂଳରେ ଥିବା ଏହି ଛୋଟ ସହରଟି କର୍ନାଟକସ୍ଥିତ ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହାମ୍ପିଠାରୁ ପ୍ରାୟ ୧୨ କି.ମି ଦୂରରେ ଅବସ୍ଥିତ। ଛୋଟ ସହରଟିଏ ହୋଇଥିଲେ ବି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ କୌଣସି ଗୁଣରେ କମ୍ ନୁହେଁ। ପ୍ରାଚୀନ ଯୁଗର ଅନେକ ସ୍ମାରକୀକୁ ଏହା ନିଜ ଭିତରେ ସାଇତି ରଖିଥିବା ଏବେ ବି ଦେଖିବାକୁ ମିଳେ। ଖାସ୍ ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### କେମିତି ଯିବେ

ଏଠାକୁ ଯିବାପାଇଁ ଗମନାଗମନର ବେଶ୍ ସୁବିଧା ରହିଛି। ସ୍ଥାନୀୟ ଜିନ୍ଦଲ ବିଜୟନଗର ଏୟାର୍‌ପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ହୋସ୍ପେଟ୍‌ଠାରୁ ପ୍ରାୟ ୩୦ କି.ମି ଦୂରରେ ଅବସ୍ଥିତ। ତେବେ ସ୍ଥାନୀୟ ଏହି ଏୟାର୍‌ପୋର୍ଟକୁ ବାଙ୍ଗାଲୋର୍ ତଥା ହାଇଦ୍ରାବାଦ୍‌ରୁ ନିୟମିତ ବ୍ୟବଧାନରେ ବିମାନ ଚଳାଚଳ କରିଥାଏ। ଅନ୍ୟପକ୍ଷେ ହୋସ୍ପେଟ୍ ଜଙ୍କଶନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ମୁଖ୍ୟ ରେଲଷ୍ଟେଶନ। ତା'ଛଡ଼ା ସଡ଼କପଥରେ ବି ଏଠାକୁ ଯିବାର ବ୍ୟବସ୍ଥା ରହିଛି।

### କେବେ ଯିବେ

ଏଠାରେ ମାର୍ଚ୍ଚରୁ ମେ ଗ୍ରୀଷ୍ମ, ଜୁନ୍‌ରୁ ଅଗଷ୍ଟ ବର୍ଷା ତଥା ନଭେମ୍ବରରୁ ଫେବୃୟାରୀ ଶୀତଋତୁ ଅନୁଭୂତ ହୋଇଥାଏ। ଖରାଦିନେ ଏଠାରେ ତାପମାତ୍ରା ପ୍ରାୟତଃ ୩୩ରୁ ୪୩ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହୁଥିବାବେଳେ ଶୀତିଦନେ ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ଅନ୍ୟପକ୍ଷେ ବର୍ଷାଦିନେ ବି ଏଠାରେ ଭଲ ବର୍ଷା ହୋଇଥାଏ। ତେବେ ଖରା ହେଉ କି ବର୍ଷା କିମ୍ବା ଶୀତ ଏଠାକୁ ବୁଲିଯିବା ପାଇଁ ସେମିତି କିଛି ଖାସ୍ ସମୟର ଆବଶ୍ୟକତା ନାହିଁ। ପର୍ଯ୍ୟଟକ ନିଜ ସୁବିଧା ଅନୁସାରେ ଯେତେବେଳେ ଚାହିଁବେ ସେତେବେଳେ ହୋସ୍ପେଟ୍‌କୁ ବୁଲିବାକୁ ଯାଇପାରିବେ। ହେଲେ ପ୍ରାୟତଃ ପର୍ଯ୍ୟଟକ ଶୀତଦିନେ ଏଠାକୁ ବୁଲିଯିବା ପାଇଁ ଅଧିକ ପସନ୍ଦ କରିଥାନ୍ତି।

### କ'ଣ ଦେଖିବେ

**ତୁଙ୍ଗଭଦ୍ରା ଡ୍ୟାମ୍:** ସ୍ଥାନୀୟ ତୁଙ୍ଗଭଦ୍ରା ନଦୀ ଉପରେ ଗଢି ଉଠିଥିବା ଡ୍ୟାମ୍‌ଟି ତୁଙ୍ଗଭଦ୍ରା ଡ୍ୟାମ୍ ଭାବେ ବେଶ୍ ପ୍ରସିଦ୍ଧ। ୧୯୫୩ ମସିହାରୁ କାର୍ଯ୍ୟକାରୀ ହୋଇଥିବା ଏହି ଡ୍ୟାମ୍‌ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଦେଖାଯାଉଥିବା ବନ୍ୟା ପରିସ୍ଥିତିକୁ ବି ସହଜରେ ରୋକି ହେଲା। ଏବେ ଏହା ସେଠାକାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଗଣାଯାଉଛି। ଖାସ୍‌କରି ଏହି ଜଳାଶୟକୁ ଦେଶବିଦେଶରୁ ଆସୁଥିବା ବହୁ ଭ୍ରମଣପ୍ରିୟ ପକ୍ଷୀ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିପାରୁଛି।

**ହାମ୍ପି:** ହୋସ୍ପେଟ୍‌ଠାରୁ ମାତ୍ର ୧୨ କି.ମି ଦୂରରେ ଥିବା ହାମ୍ପି ମଧ୍ୟ ହେଉଛି କର୍ନାଟକର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ଏହା ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ମଧ୍ୟ ପାଇଛି। କୁହାଯାଏ, ଏକଦା ହାମ୍ପିର ବିଜୟନଗର ସାମ୍ରାଜ୍ୟ ସହ ଘନିଷ୍ଠ ସମ୍ପର୍କ ଥିଲା। ତେଣୁ ଏବେ ବି ଏଠାରେ ଅନେକ ଐତିହାସିକ କିମ୍ବଦନ୍ତୀ ଦେଖିବାକୁ ମିଳିଥାଏ। ଖାସ୍ କରି ଏଠାରେ ଥିବା ବହୁ ପ୍ରାଚୀନ ମନ୍ଦିର, ମହଲ, ରାଜକୀୟ ମଣ୍ଡପ, ଜଳାଶୟ, ପୁରୁଣା ବଜାର ଇତ୍ୟାଦି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ।

କେବଳ ଏତିକି ନୁହେଁ ହୋସ୍ପେଟ୍ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ମଧ୍ୟ ରହିଛି, ଯାହା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥାଏ।









# ଟେବୁଲ ଟେନିସ୍ ଡୋର୍

ଅନେକଙ୍କୁ ଟେବୁଲ ଟେନିସ୍ ଖେଳିବାକୁ ଭଲ ଲାଗେ। ହେଲେ ଘରେ ଏହାର ଟେବୁଲ ରଖିବାକୁ ଜାଗା ହେଉ ନ ଥିବାରୁ ମନ ମାରି ରହିବାକୁ ହୁଏ। ଏବେ କିନ୍ତୁ ଘର ଭିତରେ ଖେଳିପାରିବେ ଏହି ଖେଳ। ଆଉ ଟେବୁଲ ରଖିବାର ସମସ୍ୟା ବି ରହିବନି। କାରଣ ଏଭଳି ଏକ କବାଟ ତିଆରି ହୋଇଛି ଯାହା ଘରକୁ ସୁରକ୍ଷା ଦେବା ସହ ଏହି ଖେଳ ଖେଳିବାର ମଉକା ବି ଦେବ। କବାଟଟି ସବୁଜ ରଙ୍ଗର ଏବଂ ଏହାର ମଝିରେ ଏକ ଧଳା ରଙ୍ଗର ଗାର ଥାଏ। କବାଟ ମଝିରେ ନେଟ୍ ବି ଲାଗିଥାଏ। କବାଟଟି ସାଧାରଣଭାବେ ଖୋଲି ହେବା ସହ ଏହାକୁ ଉପରୁ ତଳପଟକୁ ବି ନୁଆଇଁ ହୁଏ। ଆଉ ତାହା ଦ୍ୱାରବନ୍ଧର ମଝିରେ ଭୂମି ସହ ସମାନ୍ତରଭାବେ ରହେ। ଏହି ଅବସ୍ଥାରେ କବାଟଟି ଟେବୁଲ ଟେନିସ୍‌ର ଟେବୁଲ୍ ପାଲଟିଯାଏ। ଫଳରେ ଦ୍ୱାରର ଏପଟେ ଏବଂ ସେପଟେ ଠିଆ ହୋଇ ଆରାମ୍‌ରେ ଟେବୁଲ ଟେନିସ୍ ଖେଳି ହେବ। କବାଟକୁ ଡିଜାଇନ୍ କରିଛନ୍ତି ଜର୍ମାନ ଡିଜାଇନର୍ ତୋବିଆସ୍ ଫ୍ରାଞ୍ଜିଲ୍।

## କାର୍ଟୁନ କର୍ଣ୍ଣର





ଦୀପକ ଘୋଷ

# ଗାୟକ-ଘୋଷକ-ନାୟକ-ଖଳନାୟକ

ଶୀର୍ଷକରେ ଚାରିଗୋଟି ଚରିତ୍ରର କଥା କୁହାଯାଇଛି। ଅର୍ଥାତ୍, ଗୀତ ଗାଉଥିବା ଗାୟକ। ଆଙ୍କରିଂ କରୁଥିବା ଘୋଷକ। ଯାତ୍ରାରେ ହିରୋ ଭୂମିକା ନିର୍ବାହ କରୁଥିବା ନାୟକ। ପୁଣି ଦର୍ଶକଙ୍କ ଛାତି ଭିତରେ ଭୟର ଭୂମିକମ୍ପ ସୃଷ୍ଟି କରୁଥିବା ଖଳନାୟକ। ଚାରିଗୋଟି ଚରିତ୍ର ପାଇଁ ଅତିକମ୍‌ରେ ଚାରିଜଣ କଳାକାର ଆବଶ୍ୟକ। ତେବେ ଯଦି ଏକଥା କୁହାଯାଏ ଯେ, ଏହି ଚାରିଗୋଟି ଚରିତ୍ର ପାଇଁ ଚାରିଜଣ କଳାକାର ନୁହନ୍ତି ; ଜଣେ କଳାକାର ହିଁ ଏହି ଚାରିଗୋଟି ଭିନ୍ନଭିନ୍ନ ଚରିତ୍ରକୁ ଖୁବ୍ ସୁନ୍ଦର ଭାବରେ ମଞ୍ଚରେ ପ୍ରଦର୍ଶିତ କରିପାରନ୍ତି ତା'ହେଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ମାତ୍ର ଏହା ହିଁ ହେଉଛି ସତ। ଆଉ ସେହି କଳାକାର ଜଣକ ହେଉଛନ୍ତି ଯାତ୍ରାଜଗତର ଭର୍ସାଟାଇଲ୍ ବ୍ୟକ୍ତିତ୍ୱ ଦୀପକ ରଞ୍ଜନ ଘୋଷ। ଯାତ୍ରାଜଗତରେ କେବଳ ଦୀପୁ ବୋଲି ଜଣା ଏହି କଳାକାର ଜଣକ ଗାୟକ ସାଜି ଗୀତ ଗାଇପାରନ୍ତି। ଘୋଷକ ସାଜି ମଞ୍ଚରେ ଆଙ୍କରିଂ କରିପାରନ୍ତି। ନାୟକ ସାଜି ଦର୍ଶକଙ୍କୁ ରୋମାଞ୍ଚିତ କରିପାରନ୍ତି। ପୁଣି ଖଳନାୟକ ହୋଇ ଡରେଇ ପାରନ୍ତି। କେନ୍ଦ୍ରାପଡ଼ାର ଇନ୍ଦୁପୁରରେ ଜନ୍ମିତ ଏହି ମିଷ୍ଟଭାଷୀ କଳାକାର ଜଣକ ପିଲାଟି ବେଳକୁ ଗୀତ ଗାଉଥିଲେ। ଈଶ୍ୱର ତାଙ୍କୁ ଦେଇଥିଲେ ଏକ ସୁନ୍ଦର ଗଳା। କେବେ କାହାଠୁ ଗୀତ ଶିଖି ନ ଥିଲେ। ମାତ୍ର ଜଣେ ତାଲିମ୍‌ପ୍ରାପ୍ତ ଗାୟକ ଭଳି ସୁର-ତାଳ-ଲୟରେ ଗୀତ ଗାଇ ପାରୁଥିଲେ। ୨୦୦୦ ମସିହାରେ ରୁକ୍ମିଣୀ ଗଣନାଟ୍ୟକୁ ଆସିଥିଲେ। ଉଦ୍ଦେଶ୍ୟ, ଜଣେ ଗାୟକ ହେବେ। ତେବେ ପାର୍ଟିକୁ ଆସିବା ପରେ ତାଙ୍କୁ ମାଲିକ ତଥା ମ୍ୟାନେଜର କହିଲେ, ତୁମେ ତ ଦେଖିବାକୁ ଖୁବ୍ ସୁନ୍ଦର। ପୁଣି ଆକ୍ଟିଂ ବି ଭଲଅଛି। ତୁମେ ଗୋଟେ କାମ କର। ପାର୍ଟିରେ ହିରୋ ହୁଅ। ଅଧିକ ଟଙ୍କା ମିଳିବ। ବାସ୍, ସେ ଗାୟକ ହେବାକୁ ଆସିଥିଲେ ସିନା ; ନାୟକ ବନିଗଲେ। ତେବେ ସେତିକିରୁହେଁ, ପାର୍ଟି ପକ୍ଷରୁ ତାଙ୍କୁ ଆଙ୍କରିଂ କରିବା ପାଇଁ ବି କୁହାଗଲା। ସେ କଲେ। ଆଉ ସଫଳ ବି ହେଲେ। ଏଭଳି ଟ୍ୟାଲେଣ୍ଟ ଥିବା ଜଣେ କଳାକାରଙ୍କୁ ପାଇ ପରୀକ୍ଷା ନିରୀକ୍ଷା କରିବାରେ ଲାଗି ପଡ଼ିଲେ ନିର୍ଦ୍ଦେଶକମାନେ। ତାଙ୍କୁ ଆଣ୍ଟି ଚରିତ୍ରରେ ଠିଆ କରେଇଲେ। ଦୀପୁବାବୁ ସେଥିରେ ବି ସଫଳ। ଯେମିତି ସଫଳତା ପାଇବାକୁ ତାଙ୍କର ଜନ୍ମ। ଇତିମଧ୍ୟରେ ତ୍ରିନାଥ, ଧଉଳି, ଓମ୍‌ଶ୍ରୀ, ପାର୍ବତୀ, ଗୌରୀ ଆଦିରେ ସଫଳ ଅଭିନୟ କରି ସମ୍ପ୍ରତି ନୂଆ ଯାତ୍ରା ସିଜନ୍‌ରେ ଯୋଗ ଦେଇଛନ୍ତି ଅପେରା 'ସୂର୍ଯ୍ୟମନ୍ଦିର'ରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି- 'ଚିରାକାଗଜ', 'ଅପାକୁ ସୁନ୍ଦର ରୁପା ପାଉଁଜି', 'ଭୁଲ୍ ବୁଝିବନି ରହିଲା ରାଣ', 'ପାଗଳ ହୋଇଛି ତୋରି ପାଇଁ', 'ଦେହଦାନ ମହାପୁଣ୍ୟ', 'ଅଢ଼େଇ ଅକ୍ଷର ପ୍ରେମ', 'କାହାର କେତେ ଦମ୍', 'ଦିଅଁ ପୂଜିବାକୁ ଦେଉଳ ମନା', 'ମଣିଷଖିଆ ମଣିଷ', 'କହିଦେଲେ ମୁଁ ମରିଯିବୁ ତୁ', 'ଗଉରିନାନୀର ନୂଆ ଠିକଣା', 'ବେଳେବେଳେ ଭୁଲ୍ ହୋଇଯାଏ', 'ବାଘ ବୁଲୁଛି ରାଜଧାନୀରେ' ଏବଂ ଆହୁରି ଅନେକ। ନୂଆ ଯାତ୍ରା ସିଜନ୍ ପାଇଁ ସେ ଏବେ 'ସୂର୍ଯ୍ୟମନ୍ଦିର' ଆଖଡ଼ାଶାଳରେ ଅଛନ୍ତି। ଚଳିତବର୍ଷ ସେ ଯେଉଁ ନାଟକଗୁଡ଼ିକରେ ଅଭିନୟ କରିବେ ବୋଲି ଶୁଣାଯାଉଛି ସେଥିମଧ୍ୟରେ ରହିଛି 'ପୁଅ ଯିବ ଶାଶୁଘର', 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର', 'ଭିତିରି କଥା', 'ମାୟାବିନୀ ମୌସୁମୀ'। ଦୀପୁ କହନ୍ତି, ଗାୟକ ହେବାକୁ ଆସିଥିଲି। ହେଲେ ଘୋଷକ-ନାୟକ-ଖଳନାୟକ ହୋଇଗଲି। ହେଲେ ଏସବୁ ମୋ ପାଇଁ କେବଳ ପେସା। ନିଶା ନୁହେଁ। ନିଶା ହେଉଛି ସଂଗୀତ। ଗୀତ ମୋର ସବୁଠୁ ବଡ଼ ଦୁର୍ବଳତା। ଦରକାର ପଡ଼ିଲେ ଯାତ୍ରା ଛାଡ଼ି ଦେଇପାରେ। ମାତ୍ର ଗୀତ କେବେ ଛାଡ଼ି ପାରିବିନି। ପତ୍ନୀ କନକଲତା ମହାନ୍ତି, ପୁଅ ପୀୟୂଷ ଓ ଝିଅ ପ୍ରତ୍ୟାଶାଙ୍କୁ ନେଇ ସୁଖର ସଂସାର ବିତାଉଥିବା ଏହି କଳାକାର କହନ୍ତି, ତାଙ୍କ ସଫଳତା ପଛରେ ରହିଛି ବଡ଼ଭାଇ ପ୍ରଦୀପ ଘୋଷଙ୍କ ପ୍ରେରଣା।

# ମା' ଭୂମିକାରେ ସନ୍ତୁଷ୍ଟ

ଯାତ୍ରା ହେଉଛି ଜୀବନ ତଥା ସମାଜର ଛବି। ପାରିବାରିକ କାହାଣୀକୁ ଆଧାର କରି ପ୍ରସ୍ତୁତ ହୁଏ ନାଟକ। ଆଉ ପରିବାର ବିଷୟ ଉଠିଲେ ଗୋଟିଏ ମା'ର କଥା ନିଶ୍ଚୟ ମନକୁ ଆସେ। ମା'କୁ ବାଦ୍‌ଦେଇ ପରିବାର ସମ୍ପୂର୍ଣ୍ଣ ନୁହେଁ। ସେହିଭଳି ମା' ଚରିତ୍ରକୁ ବାଦ୍ ଦେଲେ କାହାଣୀ ରଚନା ବି ସମ୍ଭବ ନୁହେଁ। ଯାତ୍ରା ଜଗତର ତଥା ନାଟକୀୟ କାହାଣୀର ଜଣେ ମା' କଳାକାର ହେଉଛନ୍ତି ପ୍ରମିଳା ଲେଙ୍କା। ନୂଆ ଯାତ୍ରା ସିଜନ୍‌ରେ ଯାତ୍ରାନୁଷ୍ଠାନ 'ସ୍ୱପ୍ନମହଲ'ରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଥିବା ଏହି ଅଭିନେତ୍ରୀଙ୍କ ଯାତ୍ରା ଜୀବନ ଆରମ୍ଭ ହୋଇଥିଲା ଆଜିକୁ ୨୭ବର୍ଷ ତଳେ। ଭଦ୍ରକର ମାନ୍ତପୁର ଗ୍ରାମରେ ତାଙ୍କର ଜନ୍ମ। ତାଙ୍କର ଦୁଇଭଉଣୀ ଚମ୍ପା ଓ ମଲ୍ଲୀ 'ଓଡ଼ିଶା ଅପେରା'ରେ ଅଭିନୟ କରୁଥିଲେ। ସେମାନଙ୍କ ଉତ୍ସାହରେ ମାତ୍ର ୧୪ବର୍ଷ ବୟସରେ 'ଜଗାବଳିଆ ଅପେରା'ରେ ଜଣେ ଶିଶୁ କଳାକାର ଭାବରେ ଯୋଗ ଦେଇଥିଲେ ପ୍ରମିଳା। ପ୍ରଥମେ ସାନଭଉଣୀ ଭୂମିକା ମିଳୁଥିଲା। ପରେ ସେ 'ଉର୍ବଶୀ ଗଣନାଟ୍ୟ'ରେ ଯୋଗଦେଲେ। ତେବେ ତାଙ୍କୁ ନାୟିକା ଭୂମିକା ମିଳିଲା 'ଉତ୍କଳ ଗଣନାଟ୍ୟ'ରେ। 'ପାଗଳୀ ଆସିଛି ଆମ ଗାଁକୁ', 'ବାଉନ ବଜାର ତେପନଗଳି' ଆଦି ନାଟକରେ ଅଭିନୟ କରି ସେ ଯାତ୍ରା ଜଗତରେ ନିଜର ସ୍ଥିତିକୁ ସୁଦୃଢ଼ କରିଥିଲେ। ଇତିମଧ୍ୟରେ ସେ 'ସତ୍ୟଶ୍ରୀ ଗଣନାଟ୍ୟ', 'ବାଣେଶ୍ୱରୀ, ତ୍ରିରଙ୍ଗା', 'ଦୁର୍ଗାଶ୍ରୀ', 'ଓମ୍ ଶ୍ରୀ', 'ଇନ୍ଦ୍ରମହଲ' ଆଦି ଯାତ୍ରାନୁଷ୍ଠାନରେ ଅଭିନୟ କରିସାରିଛନ୍ତି। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ପୂଜନୀୟ ବାପା', 'କାଖରେ କଳସୀ ମୁଣ୍ଡରେ ଗରା', 'ଧନରେ ଗେଲ କରିବାକୁ ମନ', 'ସଜେଇ ଦିଅଲୋ ବେଦିକି ଯିବି', 'ସ୍ୱାମୀକୁ ଛୁଇଁଲେ ପାପ', 'ଟୋକିଟା ବଡ଼ ବୋକିଟା', 'ଫୁଲେଇ ଜହ୍ନ', 'ସରକାରୀ ସ୍ୱାମୀ', 'ସତୀ-ଅସତୀ-ମହାସତୀ', 'ଆତ୍ମା ଏକ ଗୁଟି ଦେ', 'ସିନ୍ଦୂର ପିନ୍ଧିଲେ ଲାଜ ଲାଗୁଛି', 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ', 'ବଡ଼ଲୋକକୁ ଉତ୍ତର ନାହିଁ', 'ଗଙ୍ଗା ପାପକଲେ ଧୋଇବ କିଏ', 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ', 'ଚୁପ୍‌ଚାପ୍ ରାତି ଚୁପ୍‌ଚାପ୍ କଥା', 'ବାସନ୍ତୀର ଚିଠି ମୁଖ୍ୟମନ୍ତ୍ରୀଙ୍କୁ' ଏବଂ ଆହୁରି ଅନେକ। ଆସନ୍ତା ନୂଆ ଯାତ୍ରା ସିଜନ୍ ପାଇଁ 'ସ୍ୱପ୍ନମହଲ'ରେ ଜାରି ରହିଥିବା ପ୍ରଥମ ନାଟକ 'ବାପା ବଉ ତୁମେ ଭୁଲକଲ'ରେ ତାଙ୍କୁ ଏକ ଟ୍ରାଜେଡି ମଦର ଚରିତ୍ର ମିଳିଛି ଯେଉଁ ଚରିତ୍ରକୁ ନେଇ ଖୁବ୍ ଖୁସି ଅଛନ୍ତି ପ୍ରମିଳା। ସ୍ୱାମୀ ତଥା ଅଭିନେତା ରତିକାନ୍ତ ଲେଙ୍କାଙ୍କ ପ୍ରେରଣା ଏବଂ ଦୁଇପୁଅ ସମୀର ଓ ଦିବ୍ୟ ଶେଖରଙ୍କ ସହଯୋଗ ତାଙ୍କୁ ଆଗକୁ ବାଟ କଢ଼େଇ ନେଉଛି ବୋଲି କହୁଥିବା ଏହି ଅଭିନେତ୍ରୀ ୨୭ବର୍ଷର କ୍ୟାରିଅରରେ ବହୁ ନାଟକରେ ଅଭିନୟ କରି ସାରିଥିଲେ ମଧ ଦୁଇଗୋଟି ନାଟକ ତାଙ୍କ ପାଇଁ ଅଭୁଲା ହୋଇ ରହିଯାଇଛି। ସେ ଦୁଇଟି ହେଉଛି 'କାଖରେ କଳସୀ ମୁଣ୍ଡରେ ଗରା' ଏବଂ 'ଚୁପ୍‌ଚାପ୍ ରାତି ଚୁପ୍‌ଚାପ୍ କଥା'। କାରଣ ଏଥିରେ ତାଙ୍କୁ ତାଙ୍କ ମନଲାଖି ଭୂମିକା ମିଳିଥିଲା। ଆଉ ଦର୍ଶକମାନେ ବି ତାଙ୍କ ଅଭିନୟକୁ ଭୂରି ଭୂରି ପ୍ରଶଂସା କରିଥିଲେ।



ପ୍ରମିଳା ଲେଙ୍କା



# ମାଛବନ୍ୟା

କଥାଟା ଶୁଣିବାକୁ ବିଚିତ୍ର ଲାଗୁଥାଇପାରେ। ଉପର ମୁଣ୍ଡରେ ବର୍ଷାହେଲେ ନଦୀନାଳରେ ପାଣିପଶେ। ତାହାର ପ୍ରଭାବରେ ବନ୍ୟା ସୃଷ୍ଟିହୁଏ। ବେଳେବେଳେ ସେହି ବନ୍ୟା ପ୍ରଳୟର ରୂପ ଧାରଣ କରେ। ତେବେ ମାଛରେ କେମିତି ବନ୍ୟା ଆସିବ। ହଁ ବେଳେବେଳେ ଆକାଶରୁ ମାଛବର୍ଷା ହୁଏ। ତେବେ ମାଛରେ ବନ୍ୟା ହେବ କେମିତି? ପ୍ରସଙ୍ଗଟି ବିସ୍ମୟକର ମନେହେଉଥିଲେ ବି ସତ୍ୟ। ଏମିତି ଏକ ଘଟଣା ଘଟିଛି ଆମେରିକାର ସାଇନ୍‌ଫ୍ କେନାଲରେ। ହଠାତ ରାତି ପାହିବା ବେଳକୁ କେନାଲ ଭର୍ତ୍ତି ମାଛ। ଏତେ ମାଛ ଯେ କେନାଲର ପାଣି ଗାଏବ ହୋଇ ଯାଇଥିଲା। କେବଳ ମାଛ ଆଉ ମାଛ। ଶହଶହ ଟନ୍‌ର ମାଛ। ଅବଶ୍ୟ ସେ ସବୁ ଥିଲେ ମଲାମାଛ। ଏହି ଘଟଣା ସେହି ଖଣ୍ଡମଣ୍ଡଳରେ ହୋହଲ୍ଲା ଖେଳେଇ ଦେଇଥିଲା। କାରଣ କାହାରିକୁ କିଛି ଜଣା ନ ଥିଲା। ବିଶେଷଜ୍ଞମାନେ ମତ ଦେଇଥିଲେ ଯେ, ହୁଏତ କୌଣସି କାରଣରୁ ମାଛସବୁ ଏକତ୍ରିତ ହୋଇ କେନାଲକୁ ଉଠି ଆସିଛନ୍ତି। ଆଉ ଆସିବା ପରେ ଫେରିନାହାନ୍ତି। କେନାଲ ଜଳରେ ଥିବା ଅମ୍ଳଜାନକୁ ସେମାନେ ପ୍ରଶ୍ୱାସରେ ନେଇ ଶେଷ କରିଦେଇଛନ୍ତି। ଆଉ ଅମ୍ଳଜାନ ଅଭାବରୁ ମାଛଗୁଡ଼ିକର ମୃତ୍ୟୁ ଘଟିଛି।



# ଡଗ୍‌ବ୍ରେଲା

ବର୍ଷାର ସାଥୀ ଛତା। ଏହା କାହିଁ କେଉଁ କାଳରୁ ମଣିଷକୁ ଓଦା ହେବାରୁ ବଞ୍ଚାଇ ଆସୁଛି। ହେଲେ ପ୍ରାଣୀମାନଙ୍କୁ ସେମିତି ଭିଜିବାକୁ ହୁଏ ବର୍ଷାରେ ଅବା କେଉଁଠି ନିରାପଦ ସ୍ଥାନଟିଏ ପାଇଲେ ମୁଣ୍ଡ ଗୁଞ୍ଜନ୍ତି। ଘରର ପୋଷା ଜୀବଜନ୍ତୁଙ୍କୁ ବି ବର୍ଷାରେ ବାହାରକୁ ନେଇ ହୁଏନା। ଏହି ସମସ୍ୟାକୁ ନଜରରେ ରଖି ଏବେ ତିଆରି ହୋଇଛି ପ୍ରାଣୀଙ୍କ ପାଇଁ ଛତା। ଖାସ୍‌କରି ଘରର ପୋଷା କୁକୁରଙ୍କ ପାଇଁ ଏହା ତିଆରି ହୋଇଛି। ତେଣୁ ଏହାର ନାମ ରଖାଯାଇଛି 'ଡଗ୍‌ବ୍ରେଲା'। ବର୍ଷାରେ କୁକୁରକୁ ବୁଲାଇବା ଏହି ଛତାଦ୍ୱାରା ହୋଇଯିବ ବେଶ୍ ସହଜ। ଛତାଟି ଦେଖିବାକୁ ଅଜବ ଲାଗିପାରେ। କାରଣ ଏହା ଏକ ଓଲଟା ଛତା। ଏହାର ହ୍ୟାଣ୍ଡେଲକୁ ତଳ ଆଡକୁ ତଥା ଭୂମି ଆଡକୁ ମୁହାଁ କରି ଧରିବାକୁ ହୋଇଥାଏ। ଆଉ ବର୍ଷାରୁ ରକ୍ଷା କରୁଥିବା ଏହାର ଅର୍ଦ୍ଧଗୋଲାକାର ଅଂଶ ବି ଓଲଟା। ଏହାକୁ ଏମିତି କରାଯାଇଛି ଯେମିତି କି ତାହା ଚାଲୁଥିବା କୁକୁରକୁ ବର୍ଷାରେ ଓଦା ହେବାରୁ ରକ୍ଷା କରିପାରିବ। ଏହି ଛତାଟି ଏବେ କୁକୁରକୁ ଭଲ ପାଉଥିବା ମଣିଷଙ୍କର ବେଶ୍ ପ୍ରିୟ ହୋଇଛି।







## ବ୍ୟାକ୍ ପେଜ୍







# ରୁଟି କମ୍ବଳ

ଶିଶୁଙ୍କୁ ମା'ବାପା ବିଭିନ୍ନ ରୂପରେ ସଜେଇବାକୁ ଭଲ ପାଇଥାଆନ୍ତି। ତେଣୁ ବିଭିନ୍ନ ଡିଜାଇନ୍‌ର ପୋଷାକ, ଆସେସରିଜ୍ ପିନ୍ଧାନ୍ତି। ଏବେ ଶୋଇବା ସମୟରେ ବି ପିଲାଙ୍କୁ ଦେଇ ହେବ ଭିନ୍ନ ଏକ ଲୁକ୍, ଯେଉଁଥିରେ ଶିଶୁ ଆରାମ ଅନୁଭବ ବି କରିବ। ତା' ସହ ପାଇବ ଏକ କ୍ୟୁଟ୍ ଲୁକ୍। ଆଉ ସେହି ଲୁକ୍‌ଟି ହେଉଛି 'ବରିଟୋ ବ୍ଲାଙ୍କେଟ୍ 'ଲୁକ୍। ବରିଟୋ ହେଉଛି ଏକ ମେକ୍ସିକୀୟ ଖାଦ୍ୟ, ଯାହା କି ଦେଖିବାକୁ ଫାଷ୍ଟଫୁଡ୍ 'ରୋଲ୍' ପରି। ଏଥିରେ ମଇଦାର ଏକ ରୁଟି ଥାଏ, ଯାହା କି ତିଆରି ହୋଇଥିବା ମସଲାକୁ ଗୁଡେଇ ଧରିଥାଏ। ଏହି ବ୍ଲାଙ୍କେଟ୍‌କୁ ସମ୍ପୂର୍ଣ୍ଣଭାବେ ସେହି ରୁଟି ପରି ତିଆରି କରାଯାଇଛି। ଫଳରେ ଶିଶୁକୁ ସେଥିରେ ଗୁଡେଇ ରଖିଲେ ସେ ଲାଗେ ସେହି ସ୍ୱାଦିଷ୍ଟ ଖାଦ୍ୟ ପରି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ବଡ ଲୋକଙ୍କ ପାଇଁ ମଧ୍ୟ ଏହିଭଳି ବ୍ଲାଙ୍କେଟ୍ ତିଆରି କରାଯାଇଛି। ଯାହା ଭିତରେ ଦୁଇଜଣ ଆରାମରେ ଶୋଇପାରିବେ। ଉକ୍ତ ଚାଦର ଦେଖିବାକୁ ବାସ୍ତବ ପରି ଲାଗେ।